# ଚାଲାଣ ବେଳେ ୮୨ ଶୁଆ ଶାବକ ଜବତ

## ବନ ବିଭାଗ କବ୍‌ଜାରେ ନାବାଳକ ସମେତ ୨ ଅଭିଯୁକ୍ତ





**ରାଉରକେଲା,୨୩।୧(ସମିସ):** ବେଆଇନ ଭାବେ ଶୁଆ ଶାବକ ଚାଲାଣ ଅଭିଯୋଗରେ ବନ ବିଭାଗ ବନ୍ଧମୁଣ୍ଡା ଥାନା ଶୀତଳନଗର ଅଞ୍ଚଳର ମୁନା ସାହୁ (୩୪) ଓ ପ୍ଲାଣ୍ଟସାଇଟ୍ ଥାନା ନାଲାରୋଡ ଅଞ୍ଚଳର ଜଣେ ନାବାଳକଙ୍କୁ ଧରିବାରେ ସଫଳ ହୋଇଛି। ମୁନାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ନାବାଳକଙ୍କୁ ଜୁଭେନାଇଲ ଜଷ୍ଟିସ୍ ବୋର୍ଡରେ ହାଜର କରାଯାଇଛି। ଏମାନଙ୍କଠାରୁ ୮୨ଟି ଶୁଆ ଶାବକ ଜବତ କରାଯାଇଛି। ଏନେଇ ମଙ୍ଗଳବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଡିଏଫ୍ଓ ଯଶୋବନ୍ତ ସେଠୀ ସୂଚନା ଦେଇଛନ୍ତି।

ସେ କହିଲେ, ଶୁଆ ଚୋରା ଚାଲାଣ ନେଇ ସୂଚନା ମିଳିବା ପରେ ଏକ ଟିମ୍ ସୋମବାର ଇନ୍ଦିରା ଗାନ୍ଧୀ ପାର୍କ ନିକଟରେ ଡେରା ପକାଇଥିଲା। ରାତି ପ୍ରାୟ ୭ଟା ବେଳେ ବାଇକ ଯୋଗେ ଦୁଇ ଜଣ ବ୍ୟକ୍ତି ଶୁଆ ନେଇ ଯାଉଥିବା ବେଳେ ସେମାନଙ୍କୁ ବନବିଭାଗ ଟିମ୍ ଧରିଥିଲା। ଘଟଣାସ୍ଥଳରୁ ୧୦ଟି ଶୁଆ ଶାବକ ଜବତ କରାଯାଇଥିଲା। ଅଧିକ ପଚରାଉଚରା ପରେ ନାଲାରୋଡଠାରେ ଆହୁରି ଶୁଆ ଶାବକ ଥିବା ଜଣାପଡ଼ିଥିଲା। ଟିମ୍ ସେଠାରେ ଚଢ଼ଉ କରି ଆଉ ୭୨ଟି ଶୁଆ ଶାବକ ଜବତ କରଛି। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ଦୁଇଜଣ ଫେରାର ହୋଇଯାଇଛନ୍ତି। ସେମାନଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରହିଛି। ଚଢ଼ଉରେ ବନାଞ୍ଚଳ ଅଧିକାରୀ ଜ୍ଞାନେନ୍ଦ୍ର ଲିମା, ପ୍ରଦୀପ କୁମାର ସାହୁ, ବନପାଳ ରଜତ କୁମାର ମହାନ୍ତି, ବନରକ୍ଷୀ ଅଲିଅଳ ବେହେରା, ଗୋବିନ୍ଦ ମହାପାତ୍ର, ଉମେଶ ଚନ୍ଦ୍ର ମହାପାତ୍ର, ସାଗର କୁମାର ବଳ, ଆଚଲ ଖାଖା ସମେତ ଅନ୍ୟ କର୍ମଚାରୀ ସାମିଲ ହୋଇଥିଲେ।

# ଆଣ୍ଟି ମାଇନ୍ ପ୍ରତିରକ୍ଷା ବାହାନ ପାଇଁ ଆର୍‌ଏସ୍‌ପି ପକ୍ଷରୁ ଜ୍ୟାକଲ୍ ପ୍ଲେଟ୍ ଯୋଗାଣ



**ରାଉରକେଲା,୨୩।୧(ସମିସ):** ରାଉରକେଲା ଇସ୍ପାତ କାରଖାନାର ସ୍ପେଶାଲ ପ୍ଲେଟ୍ ପ୍ଲାଣ୍ଟ (ଏସପିପି) ପକ୍ଷରୁ ଜବଲପୁରସ୍ଥିତ ପ୍ରତିରକ୍ଷା ଯାନବାହାନ କାରଖାନାକୁ ସ୍ୱତନ୍ତ୍ର ପ୍ରକ୍ରିୟାକୃତ ୪ ମିଲିମିଟର ଜ୍ୟାକଲ୍ ପ୍ଲେଟ୍‌ର ପ୍ରଥମ କିସ୍ତି ପ୍ରେରଣ କରାଯାଇଛି। ଏସପିପି ଓ ନୂତନ ପ୍ଲେଟ ମିଲ ବିଭାଗ ସିଜିଏମ କାର୍ତ୍ତିକେୟ ବେହେରା ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଏସପିପି ବିଭାଗ ଜିଏମ ଇନଚାର୍ଜ ଡ. ପ୍ରଶାନ୍ତ କୁମାର ପାଢ଼ୀ, ଜିଏମ ପ୍ରବୀର କୁମାର ବେହେରା ଏବଂ ଆରଏସପି, ପିପିସି ଏବଂ ମାର୍କେଟିଂ ବିଭାଗର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।



ଉପରୋକ୍ତ ପ୍ଲେଟ ଆଣ୍ଟି ମାଇନ୍ ପ୍ରତିରକ୍ଷା ଯାନ ତିଆରି ପାଇଁ ବ୍ୟବହୃତ ହେବ। ସମୁଦାୟ ୩୪.୬୪୮ ଟନ୍ ସ୍ୱତନ୍ତ୍ର ଗ୍ରେଡ୍ ପ୍ଲେଟ୍ ପଠାଯାଇଥିଲା ଯେଉଁଥିରେ ଉଭୟ ଉଚ୍ଚ ସାମର୍ଥ୍ୟଯୁକ୍ତ ୪ ମିଲିମିଟର ଜ୍ୟାକଲ୍ ପ୍ଲେଟ୍ ଏବଂ ସ୍ପେଡ୍ ସାମଗ୍ରୀ ଅନ୍ତର୍ଭୁକ୍ତ ରହିଛି। ଦୁର୍ଗାପୁର ଷ୍ଟିଲ୍ ପ୍ଲାଣ୍ଟରେ ଏହି ପ୍ଲେଟଗୁଡ଼ିକ ହିଟ ମେକିଂ ପ୍ରୋସେସରେ ପ୍ରକ୍ରିୟାକରଣ କରାଯାଇଥିଲା ଏବଂ ଆରଏସପିର ସ୍ପେଶାଲ୍ ପ୍ଲେଟ୍ ପ୍ଲାଣ୍ଟରେ ଶେଷ ଉତ୍ତାପ ପ୍ରକ୍ରିୟାକରଣ ପୂର୍ବରୁ ସାଲେମ୍ ଷ୍ଟିଲ୍ ପ୍ଲାଣ୍ଟରେ ରୋଲିଂ କରାଯାଇଥିଲା। ଜର୍ମାନୀର ମେସର୍ସ ୱେଲମ୍ୟାନ୍‌ର ବୈଷୟିକ ସହଯୋଗରେ ୧୯୬୯ ମସିହାରେ କାର୍ଯ୍ୟକ୍ଷମ ହୋଇଥିବା ଏସପିପି ଭାରତୀୟ ପ୍ରତିରକ୍ଷା ଓ ନୌସେନା ପାଇଁ ଶକ୍ତିଶାଳୀ ଆର୍ମର ପ୍ଲେଟ ଉତ୍ପାଦନ କରିଆସୁଛି। ଏହାର ପ୍ରାରମ୍ଭିକ ଉତ୍ପାଦନ କ୍ଷମତା ବାର୍ଷିକ ୩୦୦୦ ଟନ୍ ପ୍ଲେଟ୍ ରହିଥିଲା। ୨୦୧୭ରେ ଉଚ୍ଚ-ଶକ୍ତିଶାଳୀ ଏବଂ ଟେମ୍ପର୍ଡ ପ୍ରତିରକ୍ଷା ଗ୍ରେଡ୍ ପ୍ରଶସ୍ତ, ଲମ୍ବା ଓ ଭାରୀ ସ୍ୱତନ୍ତ୍ର ଷ୍ଟିଲ୍ ପ୍ଲେଟଗୁଡ଼ିକର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏସପିପି ଅତିରିକ୍ତ ହିଟ୍ ଟ୍ରିଟମେଣ୍ଟ୍ ଲାଇନ୍ ଆରମ୍ଭ କରିବା ସହ ଏହାର କ୍ଷମତାକୁ ବିସ୍ତାର କରିଥିଲା, ଯେଉଁଥିରେ ଏକ ଅଷ୍ଟେନାଇଜିଂ ଫର୍ଣ୍ଣେସ୍, କ୍ୱେଞ୍ଚିଂ ସୁବିଧା ଏବଂ ଟେମ୍ପରିଂ ଫର୍ଣ୍ଣେସ ଅନ୍ତର୍ଭୁକ୍ତ ଥିଲା। ଡିଫେନ୍ସ ମେଟାଲର୍ଜିକାଲ୍ ରିସର୍ଚ୍ଚ ଲାବୋରେଟୋରୀ (ଡିଏମଆରଏଲ), ହାଇଦରାବାଦର ମାର୍ଗଦର୍ଶନରେ ସ୍ପେଶାଲ ପ୍ଲେଟ ପ୍ଲାଣ୍ଟ ସଫଳତାର ସହ ନାଭାଲ୍ ଗ୍ରେଡ୍ ପ୍ଲେଟ୍ ବିକଶିତ କରିଛି ଯାହା ମଧ୍ୟରେ ଡିଏମଆର ୨୪୯ ଏ, ଡିଏମଆର ୨୪୯ ବି ଏବଂ ଡିଏମଆର ୩୦୧ ଗ୍ରେଡ୍ ପ୍ଲେଟ୍ ସାମିଲ ରହିଛି। ଏହି ପ୍ଲେଟଗୁଡ଼ିକ ପ୍ରତିରକ୍ଷା ପ୍ରୟୋଗର କଠୋର ଆବଶ୍ୟକତା ପୂରଣ କରୁଛି। ମେକ୍ ଇନ୍ ଇଣ୍ଡିଆ ମିଶନ ଅନ୍ତର୍ଗତ ଏସପିପି ଅଧିକ ସଂଖ୍ୟକ ଆମଦାନୀ ବିକଳ୍ପ ପ୍ଲେଟ ବିକଶିତ କରିବାରେ ପ୍ରୟାସ ଜାରିରଖିଛି ଯାହା ଭାରତର ସ୍ୱାର୍ଥ ଓ ସୁରକ୍ଷାର ଅବିଚ୍ଛେଦ୍ୟ ଅଙ୍ଗ ସ୍ୱଦେଶୀ ପ୍ରତିରକ୍ଷା ପ୍ରୟୋଗ କ୍ଷେତ୍ରରେ ଭାରତକୁ ଆତ୍ମନିର୍ଭରଶୀଳ କରିବ।

# ନେତାଜୀ ଓ ବୀର ସୁରେନ୍ଦ୍ର ସାଏଙ୍କୁ ଶ୍ରଦ୍ଧାଞ୍ଜଳି





**ରାଉରକେଲା,୨୩।୧(ସମିସ):** ଜାତୀୟ ପରାକ୍ରମ ଦିବସ ଉପଲକ୍ଷେ ରାଉରକେଲା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ପକ୍ଷରୁ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ମହାବିଦ୍ୟାଳୟର ସ୍ନାତକୋତ୍ତର ଇତିହାସ ବିଭାଗ ପକ୍ଷରୁ ଅଧ୍ୟକ୍ଷ ପ୍ରଫେସର ଡ. ବିଜୟ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଗାନ୍ଧୀ ମହାବିଦ୍ୟାଳୟ ଇତିହାସ ବିଭାଗ ଅଧ୍ୟାପିକା ଯାଜ୍ଞସେନୀ ଛତ୍ରିଆ ଯୋଗଦେଇ ଭାରତର ଅନ୍ୟତମ ମହାନ ସ୍ୱାଧୀନତା ସଂଗ୍ରାମୀ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ସଂଗ୍ରାମୀ ଜୀବନ ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗ ନେଇ ଆଲୋଚନା କରିଥିଲେ। ସ୍ୱାଧୀନତା ସଂଗ୍ରାମର ଅନ୍ୟତମ ସାରଥି ପଶ୍ଚିମ ଓଡ଼ିଶାର ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏଙ୍କ ବୀରତ୍ୱର ଗାଥା ଏବଂ ସଂଗ୍ରାମୀ ଜୀବନ ସମ୍ପର୍କରେ ମଧ୍ୟ ଛତ୍ରିଆ ଆଲୋଚନା କରିଥିଲେ। ପ୍ରଫେସର ଡ. ବେହେରା ତାଙ୍କ ବକ୍ତବ୍ୟରେ ପରାକ୍ରମ ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଇତିହାସ ବିଭାଗ ମୁଖ୍ୟ ବାସନ୍ତୀ କୁଜୁର ଅତିଥି ପରିଚୟ ପ୍ରଦାନ ସହ ଦୁଇ ସଂଗ୍ରାମୀଙ୍କ ଜୀବନୀ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ଅତିଥିଙ୍କ ସମେତ ଅନ୍ୟମାନେ ନେତାଜୀ ଓ ସୁରେନ୍ଦ୍ର ସାଏଙ୍କ ଫୋଟୋଚିତ୍ରରେ ପୁଷ୍ପାଞ୍ଜଳି ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବିଭାଗୀୟ ଅଧ୍ୟାପକ ବିକ୍ରମ କୁମାର ମଲ୍ଲିକଙ୍କ ସଂଯୋଜନାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ଚୌଧୁରୀ ପ୍ରଦୋଷ ରଞ୍ଜନ ଯୋଗଦେଇଥିଲେ। ବିଭାଗୀୟ ଅଧ୍ୟାପକ ସମୀର କଂସାରୀ ଧନ୍ୟବାଦ ଅର୍ପଣ କରିଥିଲେ। ବିଭାଗୀୟ ଅଧ୍ୟାପିକା ସଞ୍ଜୁକ୍ତା ଦାସ ସହଯୋଗ କରିଥିଲେ।

# କାର୍ମିକ ବିଭାଗ କର୍ମଚାରୀଙ୍କୁ 'ସାବାସ' ପୁରସ୍କାର

**ରାଉରକେଲା,୨୩।୧(ସମିସ):** ରାଉରକେଲା ଇସ୍ପାତ କାରଖାନାର କାର୍ମିକ ଓ ପ୍ରଶାସନ ବିଭାଗରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ କାର୍ମିକ ଓ ପ୍ରଶାସନ ବିଭାଗ ସିଜିଏମ ବୀରେନ୍ଦ୍ର କୁଲୁ କାର୍ମିକ ବିଭାଗର ବିଭିନ୍ନ ସେକ୍ସନର ୧୧ ଜଣ କର୍ମଚାରୀଙ୍କୁ ସାବାସ ପୁରସ୍କାର ପ୍ରଦାନ କରିଛନ୍ତି। ଏହି ଅବସରରେ କାର୍ମିକ କାର୍ଯ୍ୟ ବିଭାଗ ଜିଏମ ଇନଚାର୍ଜ ଧୀରେନ୍ଦ୍ର ମିଶ୍ର, ଜିଏମ୍ ସଞ୍ଜୟ ମେହେରୋତ୍ରା ଓ ଜିଆର ଦାସ, ଡିଜିଏମ ସଞ୍ଜୟ ଦେଓ, ବିଭାଗର ବହୁ ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ।ବିଭାଗରେ ସେମାନଙ୍କ ଉଦାହରଣୀୟ ଅବଦାନ ପାଇଁ କାର୍ମିକ-ପ୍ରକଳ୍ପ, କାର୍ମିକ-କଲ୍ୟାଣ, କାର୍ମିକ-ଆଇରନ୍ ଆଣ୍ଡ ଷ୍ଟିଲ ଏବଂ କାର୍ମିକ-ରିକ୍ରୁଟମେଣ୍ଟ ଜେନେରାଲର କର୍ମଚାରୀମାନଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା। ସିଜିଏମ୍ କୁଲୁ କର୍ମଚାରୀଙ୍କ ଉଦ୍ୟମର ପ୍ରଶଂସା କରିବା ସହ ସମସ୍ତ ବିଜେତାଙ୍କୁ ଅଭିନନ୍ଦନ ଜଣାଇଥିଲେ। କାର୍ମିକ ବିଭାଗ ଡେପୁଟି ମ୍ୟାନେଜର ଶୁଭ୍ରା ରାଜେଶ୍ୱରୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଜୟନ୍ତୀ ପାଳିତ



**ରାଜଗାଙ୍ଗପୁର,୨୩।୧(ସମିସ):** ରାଜଗାଙ୍ଗପୁର ସୁଭାଷ ଛକଠାରେ ଆଜାଦ ହିନ୍ଦ୍ ଫୌଜର ପ୍ରତିଷ୍ଠାତା ସ୍ୱାଧୀନତା ଆନ୍ଦୋଳନର ଅନ୍ୟତମ ମୁଖ୍ୟ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ପାଳନ କରାଯାଇଛି। ସୁଭାଷ ଜୟନ୍ତୀ କମିଟି ସଭାପତି ଇନ୍ଦ୍ରଜିତ ସିଂଙ୍କ ଅଧ୍ୟକ୍ଷତାରେ ସୁଭାଷ ଛକସ୍ଥିତ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରାଯିବା ସହ ଜାତୀୟ ପତାକା ଉତ୍ତୋଳନ ପରେ ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା। ଏହି ଅବସରରେ ବିଭିନ୍ନ ବିଦ୍ୟାଳୟର ଏନସିସିର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ମଙ୍ଗଳା କିଶାନ, ସମ୍ମାନିତ ଅତିଥି ଭାବେ ଏସଡିପିଓ ଅଭିଷେକ ପାଣିଗ୍ରାହୀ, ରାଜଗାଙ୍ଗପୁର ପୌରାଧକ୍ଷା ମାଧୁରୀ ଲୁଗୁନ, ଉପାଧକ୍ଷ ଏମଡି ଇରଫାନ, ଇଫତିକାର ଏହମଦ, ସୁଭାଷ ଜୟନ୍ତୀ କମିଟି ସଭାପତି ଇନ୍ଦ୍ରଜିତ ସିଂ, ଅମରେଶ ପଣ୍ଡା, ପ୍ରିୟଦର୍ଶିନୀ ଭୋଇ, ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ଗୋବିନ୍ଦ ଦଣ୍ଡସେନା, ରାଜଗାଙ୍ଗପୁର ପୌରପାଳିକାର ବରିଷ୍ଠ ଯନ୍ତ୍ରୀଙ୍କ ସହ ବହୁ ମାନ୍ୟଗଣ୍ୟବ୍ୟକ୍ତିଉପସ୍ଥିତ ରହି ନେତାଜୀଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଏକ କବି ସମ୍ମିଳନୀର ଆୟୋଜନ କରାଯାଇଥିଲା। ଏଥିରେ ଯୋଗଦେଇଥିବା କବିମାନେ ଦେଶାତ୍ମବୋଧକ କବିତା ପାଠ କରିଥିଲେ।

# ଧୁମଧାମରେ ରାମଲାଲା ମନ୍ଦିର ପ୍ରତିଷ୍ଠା ଦିବସ ପାଳିତ






**କୋଇଡ଼ା,୨୩।୧(ସମିସ):** ଦୀର୍ଘ ୫ ଶହ ବର୍ଷ ପ୍ରତୀକ୍ଷାର ଅନ୍ତ ଘଟିଛି। ଅଯୋଧ୍ୟାରେ ପ୍ରଭୁ ଶ୍ରୀରାମଲାଲା ବିଜାରିତ ହୋଇଛନ୍ତି। କେବଳ ଅଯୋଧ୍ୟା ନୁହେଁ ସମଗ୍ର ଭାରତବର୍ଷ ଆଜି ରାମମୟ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କୋଇଡ଼ା ମଧ୍ୟ ରାମମୟ ହୋଇଉଠିଥିଲା। ଗତ ୩୦ ବର୍ଷ ଧରି ଅର୍ଦ୍ଧନିର୍ମିତ ଅବସ୍ଥାରେ ଥିବା ଶ୍ରୀରାମ ମନ୍ଦିର ମାତ୍ର ଅଳ୍ପ କିଛିଦିନ ପୂର୍ବରୁ ଏହା ସମ୍ପୂର୍ଣ୍ଣ ହୋଇ ଏହି ଅବସରରେ ପ୍ରତିଷ୍ଠା ହୋଇଥିଲା। ଆଜିର ଏହି ପବିତ୍ର ଦିନରେ ମନ୍ଦିର ପ୍ରାଙ୍ଗଣରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ହଜାର ହଜାର ସଂଖ୍ୟକ ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳିଥିଲା।

ଏହି ଅବସରରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ବଣେଇଗଡ଼ ରାଜା ବିରକିଶୋରୀ ଇନ୍ଦ୍ରଦେଓ ଦେବ, ସମ୍ମାନିତ ଅତିଥି ପୂର୍ବତନ ବିଧାୟକ ଭୀମସେନ ଚୌଧୁରୀ, ଜିଲ୍ଲା ପରିଷଦ ସଭ୍ୟ ଅଶୋକ ନାଏକ, ସରପଞ୍ଚ ହୃଷୀକେଶ ଦେହୁରୀ, ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ସେବତୀ ନାଏକ ଉପସ୍ଥିତ ରହି ଦୀପ ପ୍ରଜ୍ୱଳନ କରି ସଭା ଆରମ୍ଭ କରିଥିଲେ। ପ୍ରଥମେ ବଣେଇ ରାଜା ସାହେବଙ୍କୁ ଶୋଭାଯାତ୍ରାରେ କୋଇଡ଼ା ଶିବମନ୍ଦିର ପାଖରୁ ରାମ ମନ୍ଦିର ପର୍ଯ୍ୟନ୍ତ ପାଛୋଟି ଅଣାଯାଇଥିଲା। ଜୟଶ୍ରୀରାମ ଧ୍ୱନିରରେ ସଭାସ୍ଥଳ ପ୍ରକମ୍ପିତ ହୋଇଥିଲା। ଫୁଲ, ଦୀପ ସଜ୍ଜାରେ ମନ୍ଦିର ଝଲସି ଉଠିଥିଲା। ସମସ୍ତ କାର୍ଯ୍ୟକ୍ରମକୁ ମନ୍ଦିର କମିଟି ଅଧ୍ୟକ୍ଷ ଦେବନାରାୟଣ ସାହୁ ପରିଚାଳନା କରିବା ସହ ଶେଷରେ ଧନ୍ୟବାଦ ଜ୍ଞାପନ କରିଥିଲେ। ସେହିପରି କୋଇଡ଼ା ହନୁମାନ ମନ୍ଦିର କମିଟି ତରଫରୁ ପୂଜାର୍ଚ୍ଚନା କରାଯିବା ସହ ବିଶାଳ ଶୋଭାଯାତ୍ରା କୋଇଡ଼ା ପରିକ୍ରମା କରିଥିଲା। ସନ୍ଧ୍ୟାରେ ଭଜନ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା।

### ହାତୀ ଘର ଭାଙ୍ଗିବାର ପ୍ରତିବାଦ

# ଜାଙ୍ଗଡ଼ାରେ ରାସ୍ତାରୋକ କଲେ ଗ୍ରାମବାସୀ

## ପ୍ରତିଶ୍ରୁତି ପରେ ଆନ୍ଦୋଳନ ପ୍ରତ୍ୟାହୃତ





**ବଣାଇଁ,୨୩।୧(ସମିସ):** ବଣାଇଁ ରେଞ୍ଜରେ ହାତୀ ଉପଦ୍ରବ ସମସ୍ୟା ଥମିବାର ନାଁ ନେଉନାହିଁ। ୧୫ ଦିନ ପୂର୍ବେ ଜକେଇକଳା ଗ୍ରାମରେ ଦୁଇଟି ଦନ୍ତାହାତୀ ପଶି ଘର ଭାଙ୍ଗିବା ସହ ସମସ୍ତ ଆସବାବପତ୍ର ନଷ୍ଟ କରିଥିଲେ। ଘର ଭାଙ୍ଗିବା ଘଟଣାରେ ସେ ସମୟରେ କ୍ଷତିଗ୍ରସ୍ତ ପରିବାର ସଦସ୍ୟ ଓ ଗ୍ରାମବାସୀ ଅତିଷ୍ଠ ହୋଇ କ୍ଷତିପୂରଣ ସହ ହାତୀକୁ ସ୍ଥାନାନ୍ତର ଦାବିରେ ନିଆଁଜାଳି ରାସ୍ତା ଅବରୋଧ କରିଥିଲେ। ଘର ମରାମତି ସହ ଅନୁକମ୍ପା ରାଶି ଶୀଘ୍ର ପ୍ରଦାନ କରାଯିବାକୁ ବନ ବିଭାଗ ପକ୍ଷରୁ ପ୍ରତିଶ୍ରୁତି ମିଳିବା ପରେ ଗ୍ରାମବାସୀ ରାସ୍ତାରୋକ ପ୍ରତ୍ୟାହାର କରିଥିଲେ। ବହୁ ଚେଷ୍ଟା କରି ବନ କର୍ମଚାରୀ ହାତୀ ଦୁଇଟିକୁ ସନ୍ଧ୍ୟାରେ ଦୁର ସ୍ଥାନକୁ ଘଉଡ଼ାଇ ଦେଇଥିଲେ ମଧ୍ୟ ବିଳମ୍ବିତ ରାତିରେ ହାତୀ ପୁଣି ବଣାଇଁ ଅଞ୍ଚଳକୁ ଫେରି ଆସି ଘର ଭାଙ୍ଗିବା ସହ ସେବେଠାରୁ ଉତ୍ପାତ କରୁଥିବା ଦେଖିବାକୁ ମିଳିଛି। ସୋମବାର ବିଳମ୍ବିତ ରାତିରେ ମଧ୍ୟ ଦୁଇ ଦନ୍ତାହାତୀ ଭାଙ୍ଗଡିହି ଗ୍ରାମରେ ପଶି ପିଣ୍ଟୁ କିସାନ ଓ ମାଳତୀ କିସାନଙ୍କ ଘର ଭାଙ୍ଗିବା ସହ ଘରର ଆସବାବପତ୍ର ନଷ୍ଟ କରିଥିଲେ। ଦୀର୍ଘ ୬ ମାସରୁ ଊର୍ଦ୍ଧ୍ୱ ସମୟ ହେବ ଏହି ଦନ୍ତାହାତୀ ଦୁଇଟି ବଣାଇଁ ରେଞ୍ଜର ଗୋଗୁଆ, ଜକେଇକଳା, ତଳିଆ, ବଡ଼ପୋଷ, ଭାଙ୍ଗଡିହି ଅଞ୍ଚଳରେ ଉପଦ୍ରବ ଜାରି ରଖିଛନ୍ତି। ଖାଦ୍ୟ ଅନ୍ୱେଷଣରେ ଆସି ଘର ଭାଙ୍ଗିବା ସହିତ ପନିପରିବା ତଥା ଅନ୍ୟାନ୍ୟ ଫସଲ ଖାଇ ନଷ୍ଟ କରୁଛନ୍ତି। ବନ ବିଭାଗ ପକ୍ଷରୁ ବାରମ୍ବାର ପ୍ରତିଶ୍ରୁତି ଦିଆଯାଉଥିଲେ ମଧ୍ୟ ଏହି ସମସ୍ୟାର ସ୍ଥାୟୀ ସମାଧାନ ହୋଇ ପାରୁନାହିଁ। ଫଳରେ ଉକ୍ତ ୫ ଗ୍ରାମର ବହୁ ସଂଖ୍ୟାରେ ଗ୍ରାମବାସୀ ବଣାଇଁରୁ ଜାଙ୍ଗଡ଼ାକୁ ସଂଯୋଗ କରୁଥିବା ରାସ୍ତା ଉପରେ ନିଆଁ ଜାଳି ରାସ୍ତାରୋକ କରିଥିଲେ। ଫଳରେ ଉଭୟ ପାର୍ଶ୍ୱରେ ଯାନବାହାନ ଅଟକି ରହିଥିଲା। ଖବର ପାଇ ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି କ୍ଷୟକ୍ଷତି ଆକଳନ କରି ଅତିଶୀଘ୍ର କ୍ଷତିପୂରଣ ପ୍ରଦାନ ସହ ହାତୀ ଘଉଡ଼ାଇବାକୁ ପ୍ରତିଶ୍ରୁତି ଦେବା ପରେ ଗ୍ରାମବାସୀ ରାସ୍ତା ଅବରୋଧରୁ ହଟିଥିଲେ।

# ଲାଠିକଟା ଜଗନ୍ନାଥ ମନ୍ଦିରରେ ହୋମଯଜ୍ଞ

**ରାଉରକେଲା,୨୩।୧(ସମିସ):** ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ଓ ରାମଲାଲାଙ୍କ ପ୍ରାଣପ୍ରତିଷ୍ଠା ଉତ୍ସବ ଅବସରରେ ସୋମବାର ଲାଠିକଟା ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ହୋମଯଜ୍ଞ ଅନୁଷ୍ଠିତ ହୋଇଛି। ପୂର୍ବାହ୍ନ ୮ଟାରେ ପାରମ୍ପରିକ ନୃତ୍ୟଗୀତର ତାଳେ ତାଳେ ପ୍ରଭାତଫେରି ଅନୁଷ୍ଠିତ ହୋଇଥିଲା। ୧୦ ଟାରେ ହୋମଯଜ୍ଞ ଆରମ୍ଭ ହୋଇଥିଲା। ପଣ୍ଡିତ ହାଡ଼ିବନ୍ଧୁ ମିଶ୍ର, ଗଗନ ବିହାରୀ ଶତପଥୀ, ସୁରେଶ ଚନ୍ଦ୍ର ଦାସ, ଦିଲୀପ କୁମାର କର ପ୍ରମୁଖ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ଅଶୋକ ସାହୁ, ସୀମା ସାହୁ, ଜ୍ୟୋତିର୍ମୟ ପୃଷ୍ଟି ପ୍ରମୁଖ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଯଜ୍ଞରେ ପୂର୍ଣ୍ଣାହୁତି ପ୍ରଦାନ ପରେ ଶ୍ରଦ୍ଧାଳୁମାନେ ପ୍ରସାଦ ସେବନ କରିଥିଲେ। ସନ୍ଧ୍ୟା ୬ଟାରେ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମନ୍ଦିର ପରିଚାଳନା କମିଟି ଏବଂ ଲାଠିକଟା ମାର୍କେଟ କମିଟି ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଧରଣୀଧର ସାହୁ, ସୁଜିତ ଦାସ, ଶଙ୍କର ସାହୁ, ରବୀନ୍ଦ୍ର ମହାକୁଡ଼, ପିଣ୍ଟୁ ସାମଲ, ପଞ୍ଚମ ବିଟ, ଗାନ୍ଧର୍ବ ମହାନ୍ତି, ବିଜୟ ଚନ୍ଦ୍ର ଖାଲଖୋ, ମଙ୍ଗଳ ଏକ୍କା, ରୁଦ୍ର ସାହୁ, ସଞ୍ଜୟ ସାହୁ, ବ୍ରଜକିଶୋର ଶର୍ମା, ପ୍ରଦୀପ ସାହୁ, ତରଣୀ ସାହୁ, ରତ୍ନାକର ରାଉଳ, ଶ୍ରୀନିବାସ ସାମଲ, ଗୋପାଳ ହେମ୍ବ୍ରମ, ଦୀନବନ୍ଧୁ ବେହେରା ପ୍ରମୁଖ ସହଯୋଗ କରିଥିଲେ। ଦିନତମାମ ସହସ୍ରାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।



## ଆରଏସପିର ୫୬ତମ ଉଦ୍ୟାନ କୃଷି ପ୍ରଦର୍ଶନୀ

# ବିଭିନ୍ନ ବିଭାଗରେ ୨୬୨ ପୁରସ୍କାର ପ୍ରଦାନ



**ରାଉରକେଲା, ୨୩।୧(ସମିସ)**

ରାଉରକେଲା ଇସ୍ପାତ କାରଖାନାର ଉଦ୍ୟାନକୃଷି ବିଭାଗ ଆନୁକୂଲ୍ୟରେ ୨୦୨୪ ଜାନୁଆରୀ ୨୦ ଓ ୨୧ ତାରିଖ ଜୁବୁଲି ପାର୍କଠାରେ ୫୬ତମ ବାର୍ଷିକ ଉଦ୍ୟାନକୃଷି ପ୍ରଦର୍ଶନୀ ଆୟୋଜିତ ହୋଇଥିଲା। ବିଭିନ୍ନ ବର୍ଗରେ ଯଥା ଫୁଲ, ପତ୍ର, ଫଳ, ପନିପରିବା, ଫୁଲ ବ୍ୟବସ୍ଥା, ବଗିଚା ଲେ-ଆଉଟ ଆଦି କ୍ଷେତ୍ରରେ ମୋଟ ୨୬୨ଟି ପୁରସ୍କାର ପ୍ରଦାନ କରାଯାଇଥିଲା। ଇସ୍ପାତ କାରଖାନା ପ୍ରକଳ୍ପ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ପିକେ ସାହୁ ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି, ସାମଗ୍ରୀ ପରିଚାଳନା ବିଭାଗ ନିର୍ବାହୀ ନିର୍ଦ୍ଦେଶକ ସୋମନାଥ ତ୍ରିପାଠୀ, କାର୍ମିକ ଓ ପ୍ରଶାସନ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, ଖଣି ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଆଲୋକ ବର୍ମା, ବିତ୍ତ ଓ ପ୍ରଶାସନ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଏକେ ବେହୁରିଆ, ଦୀପିକା ମହିଳା ସଂହତି ଉପାଧ୍ୟକ୍ଷା ପ୍ରଭାତୀ ମିଶ୍ର, ନମ୍ରତା ବର୍ମା ଏବଂ ସହର ପ୍ରଶାସନ ଓସିଏସଆର ବିଭାଗ ମୁଖ୍ୟ ମହାପ୍ରବନ୍ଧକ ପ୍ରତାପ କୁମାର ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।

ମୁଖ୍ୟଅତିଥି ସାହୁ କଟ ଫ୍ଲାୱାର, ପଟ ପ୍ଲାଣ୍ଟ, ଫଳ ଓ ପନିପରିବାର ସମସ୍ତ ବିଭାଗରେ ସର୍ବାଧିକ ପଏଣ୍ଟ ଲାଭ କରିଥିବା ସେକ୍ଟର-୬, ବି-୧୬୧ ନିବାସୀ ନୀଳମଣି ପରିଡ଼ାଙ୍କୁ ଡିଆଇସି ଚାମ୍ପିଅନ ଟ୍ରଫି ପ୍ରଦାନ କରିଥିଲେ। ପୁରସ୍କାର ଆକାରରେ ଟ୍ରଫି ସମେତ ତାଙ୍କୁ ୬୦୦୦ ଟଙ୍କା ପ୍ରଦାନ କରାଯାଇଥିଲା। ସେହିପରି ଦ୍ୱିତୀୟ ସର୍ବାଧିକ ପଏଣ୍ଟ ହାସଲ କରିଥିବା ସେକ୍ଟର-୭, ବି-୧୪୯ ନିବାସୀ ସୁଚିତ୍ରା ମହାନ୍ତିଙ୍କୁ ଡିଆଇସି ରନର୍ସଅପ୍ ଟ୍ରଫି ଓ ୪୦୦୦ ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା।

କଟ ଫ୍ଲାୱାର, ପଟ ପ୍ଲାଣ୍ଟ ଆଦି ସମସ୍ତ ବିଭାଗରେ ନୀଳମଣି ପରିଡ଼ା ମଧ ସର୍ବୋଚ୍ଚ ଏଗ୍ରିଗେଟ୍ ପଏଣ୍ଟ ଟ୍ରଫି ଜିତିଥିଲେ। ସେକ୍ଟର ୧୮, ସି-୧୨୩ ନିବାସୀ ଏସ୍. ସ୍ୱାଇଁଙ୍କୁ ଶ୍ରେଷ୍ଠ ଚନ୍ଦ୍ରମଲ୍ଲିକା ପାଇଁ ଟ୍ରଫି ପ୍ରଦାନ କରାଯାଇଥିଲା। ପ୍ରଣବାନନ୍ଦ ଜୀ ଶ୍ରେଷ୍ଠ ସ୍ପେସିମେନ ବ୍ଲୁମ ଟି ରୋଜ ପାଇଁ 'କିଙ୍ଗ ଅଫ ଦି ଶୋ', ନୀଳମଣି ପରିଡ଼ା 'କୁଇନ ଅଫ ଦି ଶୋ' ଟ୍ରଫି ଲାଭ କରିଥିଲେ। ଏହି ଅବସରରେ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ପ୍ରାରମ୍ଭରେ ସହରସେବା ବିଭାଗ ଜିଏମ ଇନ୍ ଚାର୍ଜ୍ ପିକେ ଦାସ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଉଦ୍ୟାନକୃଷି ବିଭାଗ ଡିଜିଏମ ଓ ଜେଡ୍‌ଡିପି ଇନ ଚାର୍ଜ ଡ. ଏ. ବିଶ୍ୱାସ ଧନ୍ୟବାଦ ଜ୍ଞାପନ କରିଥିଲେ। ଅନିଲ ମଲ୍ଲିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

■ ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ-୨୦୨୪

# ବୈଷୟିକ ଅଧିକାରୀ ଭାବେ ଯୋଗଦେବେ ସୁସ୍ମିତା



**ରାଉରକେଲା, ୨୩।୧(ସମିସ):** ଆସନ୍ତା ୨୪ରୁ ୨୮ ତାରିଖ ପର୍ଯ୍ୟନ୍ତ ଚେନ୍ନାଇରେ ହେବାକୁ ଥିବା ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ-୨୦୨୪ ଭଲିବଲ୍ ଚାମ୍ପିଅନ୍‌ସିପରେ ରାଉରକେଲାର ଅନ୍ୟତମ କ୍ରୀଡ଼ାବିତ୍ ତଥା ଜାତୀୟ ରେଫରୀ ସସ୍ମିତା ଦାସ ବୈଷୟିକ ଅଧିକାରୀ ଭାବେଯୋଗ ଦେବେ। ସମ୍ପ୍ରତି ରାଉରକେଲା ସହରର ପ୍ରତିଷ୍ଠିତ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ସେଣ୍ଟ ପଲ୍ ସ୍କୁଲ୍‌ରେ କାର୍ଯ୍ୟରତ ସସ୍ମିତା ପୂର୍ବରୁ ୫ଥର ଖେଲୋ ଇଣ୍ଡିଆ ବର୍ଗର ବିଭିନ୍ନ ଖେଳରେ ଅଫିସିଆଲ ଏବଂ ରେଫେରୀ ଭାବେ ଯୋଗଦେଇଛନ୍ତି। ସସ୍ମିତା ସିନିୟର ଭଲିବଲ୍ ଖେଳାଳି ଭାବେ ବିଭିନ୍ନ ସମୟରେ ରାଜ୍ୟ ଓ ଜାତୀୟ ସ୍ତରରେ ପ୍ରତିନିଧିତ୍ୱ କରିସାରିଛନ୍ତି। ସୁନ୍ଦରଗଡ଼ ଜିଲ୍ଲାର ଅନ୍ୟତମ କ୍ରୀଡ଼ା ସଙ୍ଗଠନ ଚନ୍ଦ୍ରଶେଖର କ୍ରୀଡ଼ା ସଙ୍ଗଠନର କାର୍ଯ୍ୟକାରୀ ସମିତି ସଦସ୍ୟା ଥିବା ସସ୍ମିତାଙ୍କୁ ଏହି ଅବସରରେ ସଙ୍ଗଠନର ସାଧାରଣ ସମ୍ପାଦକ ତଥା ପ୍ରଶିକ୍ଷକ ଦେବଦତ୍ତ ଜେନାଙ୍କ ସମେତ ବିଭିନ୍ନ ମହଲରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

# ମହିଳା ସଶକ୍ତୀକରଣ ଓ ରାଷ୍ଟ୍ର ଜାଗରଣ କଳସ ଯାତ୍ରା



**ରାଉରକେଲା, ୨୩।୧(ସମିସ):** ଅଖିଳ ବିଶ୍ୱ ଗାୟତ୍ରୀ ପରିବାର ପକ୍ଷରୁ ନାରୀ ସଶକ୍ତୀକରଣ ଓ ରାଷ୍ଟ୍ର ଜାଗରଣ ନେଇ ଚାରିଦିବସୀୟ କାର୍ଯ୍ୟକ୍ରମ ଉପଲକ୍ଷେ ସେକ୍ଟର-୨ ଗାୟତ୍ରୀ ଶକ୍ତିପୀଠରେ ବିଶାଳ କଳସ ଯାତ୍ରା ଅନୁଷ୍ଠିତ ହୋଇଛି। ହରିଦ୍ୱାର ଶାନ୍ତିକୁଞ୍ଜ ତତ୍ତ୍ୱାବଧାନରେ ଯୁଗ ସଙ୍ଗୀତ, ପ୍ରବଚନ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ୨୪ କୁଣ୍ଡୀୟ ମହାଯଜ୍ଞ ଅନୁଷ୍ଠିତ ହେବ ବୋଲି କୁହାଯାଇଛି। ପ୍ରଥମ ଦିନ କଳସ ଯାତ୍ରାରେ ୪ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ସାମିଲ ହୋଇ ପ୍ରସାଦ ସେବନ କରିଥିଲେ। ଉଦିତନଗର ରାଧାକୃଷ୍ଣ ମନ୍ଦିରରୁ ଏକ ବିଶାଳ କଳସ ଯାତ୍ରା ବାହାରି ମୁଖ୍ୟ ରାସ୍ତା ଦେଇ ଶକ୍ତିପୀଠରେ ପହଞ୍ଚିଥିଲା। ପ୍ରଦୀପ ସାହୁ, ଦିବ୍ୟ ଶ୍ରୀ, ସରୋଜ ପ୍ରଧାନ, ସୁଭାଷ ଚୌହାନ, ଶ୍ରୀକାନ୍ତ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ କଳସ ଯାତ୍ରା ହୋଇଥିଲା। ବିଧାୟକ ଶଙ୍କର ଓରାମ ଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସନ୍ଧ୍ୟାରେ ଯୁଗ ସଙ୍ଗୀତ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ୨୪ ତାରିଖ ଧ୍ୟାନ ସାଧନା, ଯଜ୍ଞ, ଯୁଗ ସଙ୍ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ଥିବା ବେଳେ ୨୫ ତାରିଖ ମଧ ସମାନ କାର୍ଯ୍ୟକ୍ରମ ହେବ। ୨୬ ତାରିଖ ଦୀପଦାନ ସହିତ ଯଜ୍ଞ ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି।

# କାର୍ ଧକ୍କାରେ ୨ ବାଳକ ଗୁରୁତର

■ ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତା ଅବରୋଧ



**ସୁନ୍ଦରଗଡ଼,୨୩।୧(ସମିସ):** ମଙ୍ଗଳବାର ଅପରାହ୍ନରେ ସୁନ୍ଦରଗଡ଼ ଏମସିଏଲ ରାସ୍ତାର ସୁନ୍ଦରଗଡ଼ ସଦର ଥାନା ଅନ୍ତର୍ଗତ ବନ୍ଧପାଲି ନିକଟରେ ଏକ କାର୍ ଧକ୍କାରେ ୨ ବାଳକ ଗୁରୁତର ଆହତ ହୋଇଛନ୍ତି। ବନ୍ଧପାଲି ଗ୍ରାମର ସମ୍ପୃକ୍ତ ୨ ବାଳକ ରାସ୍ତାରେ ଯାଉଥିବା ବେଳେ କାର ତାଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ଉକ୍ତ ଘଟଣା ପରେ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ବିଭିନ୍ନ ଦାବିରେ ଗ୍ରାମବାସୀ ରାସ୍ତା ଅବରୋଧ କରିଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲା। ତଥାପି ସେମାନେ ନିଜ ଜିଦ୍‌ରେ ଅଟଳ ରହିଥିଲେ। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଗାଡ଼ି ଅଟକି ରହିଥିଲା। ବହୁ ବୁଝାଶୁଝା ପରେ ରାତି ପ୍ରାୟ ୧୦ଟାରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି। ଉଭୟ ଆହତ ବାଳକଙ୍କୁ ସୁନ୍ଦରଗଡ଼ ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଜଣଙ୍କ ଅବସ୍ଥା ଅତ୍ୟନ୍ତ ଅଗୁରୁତର ଥିବାରୁ ତାଙ୍କୁ ରାଉରକେଲା ଜେପି ହସ୍ପିଟାଲ ସ୍ଥାନାନ୍ତର କରାଯାଇଛି। ରିପୋର୍ଟ ପ୍ରସ୍ତୁତି ସୁଦ୍ଧା ଏ ନେଇ ଥାନାରେ ମାମଲା ରୁଜୁ ହୋଇ ନ ଥିବା ପୁଲିସ କହିଛି।

## ରାମଲାଲାଙ୍କ ପ୍ରାଣପ୍ରତିଷ୍ଠା ଉପଲକ୍ଷେ ବିଭିନ୍ନ କାର୍ଯ୍ୟକ୍ରମ

**ରାଉରକେଲା, ୨୩।୧(ସମିସ):** ରାମଲାଲାଙ୍କ ପ୍ରାଣପ୍ରତିଷ୍ଠା ଉପଲକ୍ଷେ ରାଉରକେଲା କୋଏଲନଗର 'ଡି' ବ୍ଲକ ହନୁମାନ ମନ୍ଦିର କମିଟି ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କମିଟି କର୍ମକର୍ତ୍ତାଙ୍କ ନେତୃତ୍ୱରେ ପୂଜାର୍ଚ୍ଚନା ଓ ହୋମଯଜ୍ଞ ହୋଇଥିଲା। ଅଯୋଧାରେ ଚାଲିଥିବା ରାମଲାଲାଙ୍କ ପ୍ରାଣପ୍ରତିଷ୍ଠା ଉତ୍ସବର ସିଧାପ୍ରସାରଣ ଏଲଇଡି ଟିଭି ମାଧ୍ୟମରେ କରାଯାଇଥିଲା। ସନ୍ଧ୍ୟାରେ ସଙ୍ଗୀତ ନିର୍ଦ୍ଦେଶକ ଓ ଗାୟକ ପ୍ରଦୀପ ଗୁର୍ଖାରାଙ୍କ ନେତୃତ୍ୱରେ ଭଜନ ସମାରୋହ ସହିତ ରାମସ୍ତୁତି ଓ ସାମୂହିକ ହନୁମାନ ଚାଳିଶା ପାଠ କରାଯାଇଥିଲା। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ଅନୁଦାନ ପାଣ୍ଠିରେ ମନ୍ଦିରର ନବନିର୍ମିତ ରୋଷଘରକୁ ମନ୍ତ୍ରୀ ସାରଦା ନାୟକ ଉଦ୍‌ଘାଟନ କରିଥିଲେ। ମନ୍ଦିର ପରିଚାଳନା କମିଟି ଅଧ୍ୟକ୍ଷ ବିଜୟ ଚନ୍ଦ୍ର ଦାଶ, ସଭାପତି ପ୍ରଶାନ୍ତ ସେନାପତି, ସାଧାରଣ ସମ୍ପାଦକ ବିଜୟ କୁମାର, ଦିଲୀପ ମହାନ୍ତି, ଗୌରୀଶଙ୍କର ମିଶ୍ର, ସ୍ୱର୍ଣ୍ଣଲତା ସାମଲ, ବିଜୟଲକ୍ଷ୍ମୀ, ଧରିତ୍ରୀ ଦାସ, ପ୍ରଭାତୀ ଦାସ, ଭାନୁଲତା ବେହେରା, ଶିଶିର ମଲ୍ଲିକ, ରବିଶଙ୍କର ଖାଡ଼େଙ୍ଗା, ମାନଭଞ୍ଜନ ପଣ୍ଡା, ଜୟଶ୍ରୀ ପାଣିଗ୍ରାହୀ, ଲୁଟୁ ପୁହାଣ, ରଜତ ମହାପାତ୍ର, ସତ୍ୟ ଦାସ, ପ୍ରିୟଙ୍କା କର, ଅମିୟ ରଞ୍ଜନ ଦାସ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଶ୍ରଦ୍ଧାଳୁଙ୍କୁ ଖେଚୁଡ଼ି ଓ ଖଟା ପ୍ରସାଦ ବଣ୍ଟନ କରାଯାଇଥିଲା।

# ରାମଲାଲାଙ୍କ ପ୍ରାଣପ୍ରତିଷ୍ଠା ଉପଲକ୍ଷେ ଭଜନ ସନ୍ଧ୍ୟା

**ରାଉରକେଲା, ୨୩।୧(ସମିସ):**

ଅଯୋଧ୍ୟା ରାମ ମନ୍ଦିର ପ୍ରାଣ ପ୍ରତିଷ୍ଠା ପାଇଁ ବିଶ୍ରା ଡାହାରରୋଡ ପରିବାର ପକ୍ଷରୁ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଅବସରରେ ସ୍ଥାନୀୟ କଳାକାରମାନେ ସୁମଧୁର ଭଜନ ପରିବେଷଣ କରିଥିଲେ। ଭଗବାନ ରାମଚନ୍ଦ୍ର ହନୁମାନ ସମେତ ଅନ୍ୟ ଦେବଦେବୀଙ୍କ ଭଜନ ପରିବେଷଣ କରାଯାଇଥିଲା। ସ୍ଥାନୀୟ ରାମ ମନ୍ଦିରକୁ ପୁଷ୍ପରେ ସୁସଜ୍ଜିତ କରାଯିବା ସହ ରୀତିନୀତି ଅନୁଯାୟୀ ପୂଜା କରାଯାଇଥିଲା। ପରେ ପ୍ରସାଦ ବିତରଣ କରାଯାଇଥିଲା। ସେହିପରି ସିଭିଲ୍ ଟାଉନସିପରେ ରାମ ଦରବାରକୁ ଫୁଲରେ ସୁସଜ୍ଜିତ କରାଯାଇ ରାସ୍ତାରେ ମାଟି ଦୀପ ପ୍ରଜ୍ୱଳିତ କରାଯାଇଥିଲା। ଉକ୍ତ ରାସ୍ତାକୁ ରଙ୍ଗୀନ ଆଲୋକରେ ସଜାଯାଇଥିଲା ଏବଂ ଭଗବାନଙ୍କ ସଂକୀର୍ତ୍ତନ କରାଯାଇଥିଲା। ସ୍ଥାନୀୟ ଅଞ୍ଚଳର ମହିଳାମାନଙ୍କ ଦ୍ୱାରା ରଙ୍ଗୋଲି ତିଆରି କରାଯାଇଥିଲା। ସେହିପରି ପାନପୋଷ ରାମ ମନ୍ଦିର ସମ୍ମୁଖରେ ଭଜନ କାର୍ଯ୍ୟକ୍ରମ ସହ ଯଜ୍ଞ ହୋଇଥିଲା। ସେକ୍ଟର-୧୬ ମାର୍କେଟରେ ଏକ ବଡ଼ ମାଟି ଦୀପ ପ୍ରଜ୍ୱଳିତ କରାଯାଇଥିଲା।

## ଅଟୋରୁ ବ୍ୟାଟେରୀ ଚୋରି

**ରାଉରକେଲା, ୨୩।୧(ସମିସ):** ଏକ ଅଟୋରୁ ବ୍ୟାଟେରୀ ଚୋରି ହୋଇଥିବା ସେକ୍ଟର-୩ ଥାନାରେ ଅଭିଯୋଗ ହୋଇଛି। ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୁଲିସ ସୂଚନା ମୁତାବକ, ସେକ୍ଟର-୧ ଅଞ୍ଚଳରେ ରହୁଥିବା ସୁଶାନ୍ତ କୁମାର ପାତ୍ରଙ୍କ ଘର ନିକଟରେ ଅଟୋ ପାର୍କିଂ କରିଥିବା ବେଳେ ଦୁର୍ବୃତ୍ତମାନେ ସେଥିରୁ ବ୍ୟାଟେରୀ ଚୋରିକରି ଫେରାର ହୋଇଯାଇଛନ୍ତି। ଏନେଇ ମଙ୍ଗଳବାର ସୁଶାନ୍ତ ଥାନାରେ ଅଭିଯୋଗ କରିଥିଲେ।

# ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସୁରେନ୍ଦ୍ର ସାଏ ଓ ନେତାଜୀଙ୍କ ଜୟନ୍ତୀ ପାଳିତ

### ■ କୋଶଳ ସମାଜ




**ସୁନ୍ଦରଗଡ଼, ୨୩।୧(ସମିସ):** ସ୍ଥାନୀୟ ମୃତ୍ତିକା ସଂରକ୍ଷଣ ସଭାଗୃହରେ କୋଶଳ ସମାଜ ପକ୍ଷରୁ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳନ କରାଯାଇଛି। ଏହି ଅବସରରେ କୋଶଳ ସମାଜ ସମ୍ମିଳନୀ ମଧ ଅନୁଷ୍ଠିତ ହୋଇଛି। କୋଶଳ ସମାଜ ମହା ସଚିବ ଦିଲୀପ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ ସମାରୋହରେ ବରିଷ୍ଠ କୋଶଳ ସମାଜ କର୍ମକର୍ତ୍ତା ନବୀନ ଚନ୍ଦ୍ର ପଟେଲ ମୁଖ୍ୟଅତିଥି, କୋଶଳ ସମାଜ ସମ୍ବଲପୁର ଜିଲ୍ଲା ସଚିବ ଦେବଦତ୍ତ ପ୍ରଧାନ ମୁଖ୍ୟବକ୍ତା, ଜିଲ୍ଲା ମହିଳା ସଚିବ ଦୀପ୍ତି ଭୋଇ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଡିବେଟ ଓ ଦେଶାତ୍ମବୋଧକ ଗୀତ ପ୍ରତିଯୋଗିତା କରାଯାଇଥିଲା। ଅତିଥିମାନେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ପ୍ରଥମେ ନେତାଜୀ ଓ ବୀର ସୁରେନ୍ଦ୍ର ସାଏଙ୍କ ସମେତ ସମାଜ ପ୍ରତିଷ୍ଠାତା ପ୍ରଭାତ ରଞ୍ଜନ ସରକାରଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ଓ ଦୀପ ପ୍ରଜ୍ୱଳନ କରାଯାଇଥିଲା। କୋଶଳ ସମାଜ ମହିଳା ସଚିବ ପଦ୍ମା ଦେବୀ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ କୋଶଳିକା ଭାରତୀ ପଣ୍ଡା ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଦୀପ୍ତି ରାଉତରାୟ ଧନ୍ୟବାଦ ଅର୍ପଣ କରିଥିଲେ। ପରେ କର୍ମକର୍ତ୍ତାମାନେ ଶୋଭାଯାତ୍ରାରେ ଯାଇ ଜିଲ୍ଲାପାଳ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ମାତ୍ର ମଙ୍ଗଳବାର ଛୁଟି ଥିବାରୁ କୌଣସି ଅଧିକାରୀ ସ୍ମାରକପତ୍ର ଗ୍ରହଣ କରିପାରି ନ ଥିଲେ।

### ■ ଅଟୋ ୱାର୍କର୍ସ ଆସୋସିଏସନ



**ରାଉରକେଲା :** ସୁନ୍ଦରଗଡ଼ ଅଟୋ ୱାର୍କର୍ସ ଆସୋସିଏସନ ପକ୍ଷରୁ ଆସୋସିଏସନ ସଭାପତି ବୈଦ୍ୟନାଥ ଦାଶଙ୍କ ଅଧ୍ୟକ୍ଷତାରେ ଆଜାଦ ହିନ୍ଦ୍ ଫୌଜର ପ୍ରତିଷ୍ଠାତା ମହାନ ସ୍ୱାଧୀନତା ସଂଗ୍ରାମୀ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ୧୨୭ତମ ଜୟନ୍ତୀ ପାଳିତ ହୋଇଛି। ସ୍ଥାନୀୟ ସେକ୍ଟର-୭ସ୍ଥିତ ଆସୋସିଏସନ୍ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆସୋସିଏସନ ସାଧାରଣ ସମ୍ପାଦକ ଭୁବନ ବେହେରା ସ୍ୱାଗତ ଭାଷଣ ଦେବା ସହ କାର୍ଯ୍ୟକ୍ରମ ବିଷୟରେ ସୂଚନା ପ୍ରଦାନ କରିଥିଲେ। ସଭାପତି ଦାଶ ନେତାଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଲିଜା ମହାରଣା, ସନ୍ନ୍ୟାସୀ ଦାସ, ବାସୁଦେବ ବାନାର୍ଜୀ, ମୁକ୍ତା ଛତ୍ରିଆ, ଗିରୀଶ ନାୟକ ପ୍ରମୁଖ ଉପସ୍ଥିତ ରହି ନେତାଜୀଙ୍କ ତୈଳଚିତ୍ରରେ ପୁଷ୍ପାଞ୍ଜଳି ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବାସୁଦେବ ବାନାର୍ଜୀ ଧନ୍ୟବାଦ ଅର୍ପଣ କରିଥିଲେ।

### ■ ଚିନ୍ମୟ ବିଦ୍ୟାଳୟ

**ରାଉରକେଲା :** ସ୍ଥାନୀୟ ସେକ୍ଟର-୭ ସ୍ଥିତ ଚିନ୍ମୟ ବିଦ୍ୟାଳୟ ପକ୍ଷରୁ ୨୩୩ତମ ବୀର ସୁରେନ୍ଦ୍ର ସାଏ ଓ ୧୨୭ତମ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଜୟନ୍ତୀ ପାଳିତ ହୋଇଛି। ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ସ୍ନେହାଂଶୁବାଳା ନାୟକ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଉଦଘାଟନ କରିଥିଲେ। ଛାତ୍ରଛାତ୍ରୀମାନେ ସୁରେନ୍ଦ୍ର ସାଏ ଓ ସୁଭାଷ ବୋଷଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀମାନେ ଚିତ୍ରାଙ୍କନ ଓ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

### ■ ଇଣ୍ଡିଆନ ଭେଟେରାନ ଅର୍ଗାନାଇଜେସନ

**ରାଉରକେଲା :** ଇଣ୍ଡିଆନ ଭେଟେରାନ ଅର୍ଗାନାଇଜେସନ ପକ୍ଷରୁ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ପାଳିତ ହୋଇଛି। ଉଦିତନଗର ନେତାଜୀ ସୁଭାଷ ଚନ୍ଦ୍ର ବୋଷ ପାର୍କସ୍ଥିତ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ରାଉରକେଲା ଡେଭେଲପମେଣ୍ଟ ଫ୍ରଣ୍ଟ ସଂଯୋଜକ ହରି ରାଉତରାୟ, ଜେଣ୍ଟେଲ ପରିଡ଼ା, ଦୁର୍ଯ୍ୟ ସେଠୀ, ସବିତା ଖାତୁନ, ରାଜା ରାୟ, ଇରସାଦ ଖାନ, ପଶ୍ଚିମ ଓଡ଼ିଶା ବିକାଶ ସେନା ଅଧ୍ୟକ୍ଷ ପ୍ରଫୁଲ୍ଲ ଲାକ୍ରା, ଆନନ୍ଦ ମହାରଣା, ସୁବ୍ରତ ତରାଇ, କଲ୍ୟାଣ ଦତ୍ତ, ପ୍ରଦୀପ ମୋହିନୀ, ଇଣ୍ଡିଆନ ଭେଟେରାନ ଅର୍ଗାନାଇଜେସନ ସଭାପତି ଚକ୍ରାନ୍ତ ଜେନା ପ୍ରମୁଖ ଉପସ୍ଥିତ ଥିଲେ।



### ■ ସିପିଆଇଏମ୍ ଆଞ୍ଚଳିକ କମିଟି




**ରାଉରକେଲା :** ଭାରତ ସ୍ୱାଧୀନତା ଆନ୍ଦୋଳନର ମହାନ ଯୋଦ୍ଧା, ବିପ୍ଳବୀ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ୧୨୭ତମ ଜୟନ୍ତୀ ଓ ବୀର ସୁରେନ୍ଦ୍ର ସାଏଙ୍କ ୨୩୩ତମ ଜୟନ୍ତୀ ମଙ୍ଗଳବାର ସିପିଆଇଏମ୍ ରାଉରକେଲା ଆଞ୍ଚଳିକ କମିଟି ପକ୍ଷରୁ ପାଳିତ ହୋଇଛି। ରାଉରକେଲା ଟ୍ୟାକ୍ସି ଷ୍ଟାଣ୍ଡରେ ଥିବା ନେତାଜୀଙ୍କ ପ୍ରତିମୂର୍ତ୍ତି ଓ ଶକ୍ତିନଗରଠାରେ ଥିବା ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ସହିତ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା।

ସିପିଆଇଏମ୍, ରାଉରକେଲା ଆଞ୍ଚଳିକ କମିଟି ସମ୍ପାଦକ ରାଜକିଶୋର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପାର୍ଟିର ଜିଲ୍ଲା ସମ୍ପାଦକ ମଣ୍ଡଳୀ ସଦସ୍ୟ ଜାହାଙ୍ଗୀର ଅଲ୍ଲୀ, ବିମାନ ମାଇତି, ଶ୍ରୀମନ୍ତ ବେହେରା, ସୁରେନ୍ଦ୍ର ଦାଶ ପ୍ରମୁଖ ବକ୍ତବ୍ୟ ରଖି ସ୍ୱାଧୀନତା ଆନ୍ଦୋଳନରେ ନେତାଜୀଙ୍କ ଭୂମିକା ଅତୁଳନୀୟ ବୋଲି କହିଥିଲେ। ଜିଲ୍ଲା କମିଟି ସଦସ୍ୟ ବିପି ମହାପାତ୍ର, ବସନ୍ତ ନାୟକ, ଆଞ୍ଚଳିକ କମିଟି ସମ୍ପାଦକ ମଣ୍ଡଳୀ ସଦସ୍ୟ ବିଶ୍ୱଜିତ ମାଝୀ, ତାଜମୁନ ନେହାର, ଚନ୍ଦ୍ରଭାନୁ ଦାସ, ଆଞ୍ଚଳିକ କମିଟି ସଦସ୍ୟ ଲକ୍ଷ୍ମୀଧର ନାୟକ, ପ୍ରଭାତ ମହାନ୍ତି, ଅରୁଣ ମହାରଣା, ବସନ୍ତ ପାଢ଼ୀ, ଏନ୍‌କେ ରାଉତରାୟ, ପ୍ରଦୀପ ସେଠୀ, ବୁବୁନ ମାଇତି, ଜିକେ ନାୟକ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ସେହିପରି ବୀର ସୁରେନ୍ଦ୍ର ସାଏଙ୍କ ଅବଦାନ ସ୍ୱାଧୀନତା ସଂଗ୍ରାମରେ ଅବିସ୍ମରଣୀୟ ହୋଇ ରହିବ ବୋଲି ବକ୍ତାମାନେ ମତବ୍ୟକ୍ତ କରିବା ସହ ସେମାନଙ୍କ ଅମ୍ଳାନ ପ୍ରତିଭା, ତ୍ୟାଗ ଏବଂ ଅମଳିନ ଇତିହାସର ଅମ୍ଳାନ ସ୍ମୃତି ପ୍ରତି ରକ୍ତିମ ସଲାମ ଜଣାଇଥିଲେ।

### ■ ନେତାଜୀ କମିଟି




**ରାଉରକେଲା :** ଭାରତ ସ୍ୱାଧୀନତା ସଂଗ୍ରାମର ମହାନ ସଂଗ୍ରାମୀ ନେତାଜୀ ସୁଭାଷ ବୋଷଙ୍କ ୧୨୭ତମ ଜୟନ୍ତୀ ରାଉରକେଲା ନେତାଜୀ କମିଟି ତରଫରୁ ସ୍ଥାନୀୟ ରେଲୱେ କଲୋନୀଠାରେ ମଙ୍ଗଳବାର ପାଳିତ ହୋଇଛି। କମିଟି ସଦସ୍ୟ ବିପ୍ଳବପ୍ରିୟ ତନ୍ତୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଅବସରପ୍ରାପ୍ତ ଶିକ୍ଷକ ରାଧାକାନ୍ତ ମହାରଣା, କମିଟି ଆବାହକ ବିଷ୍ଣୁ ପଣ୍ଡା, ସଦସ୍ୟ ରଞ୍ଜିତା ମଲ୍ଲିକ ପ୍ରମୁଖ ଯୋଗଦେଇ ନେତାଜୀଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦେଇଥିଲେ। ସାମ୍ପ୍ରତିକ ସମାଜରେ ଦେଖାଦେଇଥିବା ଅନ୍ୟାୟ, ଅତ୍ୟାଚାର, ଶୋଷଣ, ଜୁଲମ ବିରୋଧରେ ଛାତ୍ର, ଯୁବ ସମାଜ ଆଗେଇ ଆସିବାକୁ କହିଥିଲେ। ଅଭିଷେକ କୁମାର, ଫର୍ଜାନା ଖାତୁନ, ପୂଜା, ମୋନି, ବିଶାଲ, ମୁକେଶ, ଅମରନାଥ, ନାଦିନୀ, ଅନାମିକା, ଶିବାନୀ, ସନା ଫାତମା ପ୍ରମୁଖ ଛାତ୍ରଛାତ୍ରୀ ସହଯୋଗ କରିଥିଲେ।

ସକାଳ THE SAKALA



## ନଳିଚୂଆଁରେ ହତ୍ୟା; ଅଭିଯୁକ୍ତ ଗିରଫ

**ଭଟଲି,୨୩।୧(ସମିସ):** ଭଟଲି ବ୍ଲକ ସୁକୁଡା ପଞ୍ଚାୟତ ଅନ୍ତର୍ଗତ ନଳିଚୂଆଁ ଗ୍ରାମରେ ସ୍ପଷ୍ଟ ଦିବାଲୋକରେ ଭୀଭତ୍ସକ ହତ୍ୟାକାଣ୍ଡ ଘଟିଯାଇଛି । ଗ୍ରାମର ଏକ ବିଲ ମଝିରେ ୩୫ ବର୍ଷୀୟ ବିଜୟ ଖଡିଆଙ୍କ ମୃତଦେହ ଦେଖିବାକୁ ମିଳିଥିଲା । ଗାଁଲୋକେ ପୁଲିସକୁ ଖବର ଦେଇଥିଲେ । ଘଟଣାସ୍ଥଳରେ ପୁଲିସ ଓ ସାଇଣ୍ଟିଫିକ୍ ଦଳ ପହଞ୍ଚି ଏହି ଅମାନୁଷିକ ହତ୍ୟାକାଣ୍ଡର ତଦନ୍ତ ଆରମ୍ଭ କରିଥିଲେ । ଏକ ଧାରୁଆ ଟାଙ୍ଗିଆ ସହ ଅଭିଯୁକ୍ତ ପିଣ୍ଟୁ ଖଡିଆକୁ ପୁଲିସ ଗିରଫ କରିବାରେ ସଫଳ ହୋଇଥିବା ବେଳେ ହତ୍ୟାକାଣ୍ଡର କାରଣ ଅସ୍ପଷ୍ଟ ରହିଛି । ପ୍ରାରମ୍ଭିକ ତଦନ୍ତରୁ ଅଭିଯୁକ୍ତ ଓ ମୃତକ ଦୁହେଁ ସମ୍ପର୍କୀୟ ବୋଲି ଜଣାପଡିଛି ।

## କଫ୍ ସିରପ୍ ସହ ଦୁଇ ଗିରଫ

**ଝାରବନ୍ଧ, ୨୩।୧(ସମିସ):** ଜଗଦଲପୁର ଥାନା ଛତିଶଗଡ ସୀମାନ୍ତରେ ଥାନାଧିକାରୀ ବିପିନ ବାଗ ଓ ଏଏସଆଇ ଡି.କୁମର୍ରା ଓ ଟିମ ଛତିଶଗଡ ସୀମାନ୍ତ ଶିକାରିପାଲିଠାରେ ପାଟ୍ରୋଲିଂ କରୁଥିବା ବେଳେ ବେଆଇନ କଫ ସିରପ ଓ ନିଶା ବଟିକା ଜବତ କରିଛନ୍ତି । ବିକ୍ରୟ କରୁଥିବା ଉତ୍ତର ପ୍ରଦେଶର ଦୁଇଜଣ ଯୁବକକୁ ଗିରଫ କରାଯାଇଛି । ଅଭିଯୁକ୍ତମାନେ ହେଲେ ବିକାଶ ନାଗର ଓ ପଙ୍କଜ କୁମାର । ଉଭୟଙ୍କଠାରେ ୧୫ ବୋତଲ ଏସକଫ ସିରପ, ୨ ଷ୍ଟ୍ରିପ ନାଇଟ୍ରେସେନ ଟେବଲେଟ ଓ ୧୦ ଲିଟର କଫସିରପ ମିଶ୍ରଣ ଜବତ ହୋଇଛି । ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ।

## ସ୍କୁଟି ଦୁର୍ଘଟଣାଗ୍ରସ୍ତ; ଯୁବକ ଆହତ

**ବରଗଡ଼, ୨୩।୧(ସମିସ):** ମଙ୍ଗଳବାର ସକାଳ ୧୦ଟା ସମୟରେ ବର୍ଦ୍ଧମାନ ମହାବୀର କୋଚିଂ ସେଣ୍ଟର ସମ୍ମୁଖରେ ଏକ ସ୍କୁଟିରେ ଦୁର୍ଘଟଣାଗ୍ରସ୍ତ ହେବାରୁ ପିପଲମୁଣ୍ଡା ଗାଁର ସତ୍ୟନ୍ଦ୍ର ରାୟ (୨୮) ଆହତ ହୋଇଛନ୍ତି । ସ୍ଥାନୀୟ ଲୋକେ ଆମ୍ବୁଲାନ୍ସ ଡ଼କାଇଥିଲା ବେଳେ ସମାଜସେବୀ ସଂଘମିତ୍ରା ପଟେଲ ଘଟଣାସ୍ଥଳକୁ ପହଞ୍ଚି ଏକ ଟେମ୍ପୋ ସାହାଯ୍ୟରେ ବରଗଡ଼ ପୁରୁଣା ହସ୍ପିଟାଲକୁ ନେଇ ଚିକିତ୍ସା କରାଇଥିଲେ । ଆହତ ଯୁବକ କ୍ଷୀର ବିକ୍ରୀ କରି ପରିବାର ପୋଷଣ କରୁଛନ୍ତି । ଭଟଲି ଛକରେ ପ୍ରତିଦିନ ଏମିତି ଛୋଟ ବଡ ଦୁର୍ଘଟଣା ଘଟୁଛି ହେଲେ ପ୍ରଶାସନ ଏହାର ସ୍ଥାୟୀ ପ୍ରତିକାର କରୁନାହିଁ ।

## ମଦ କାରବାରରେ ଜଣେ ଗିରଫ

**ଶଗଡ଼ା, ୨୩।୧(ସମିସ):** କନ୍ଧମାଳ ଅବକାରୀ ବିଭାଗ ବରଗାଁ ପଞ୍ଚାୟତ ଶିମିଳିଜୋରା ଗାଁ ଛକ ନିକଟରୁ ବିପୁଳ ମଦ ଜବତ କରଛି । ଏହି ଘଟଣାରେ ଗୌତମ ଘିବିଲା (୫୫)କୁ ଗିରଫ କରାଯାଇଛି । ଅବକାରୀ ଅଧିକାରୀ ସୂର୍ଯ୍ୟକାନ୍ତ ମଲ୍ଲିକଙ୍କ ନେତୃତ୍ୱରେ ଏକ ଟିମ୍ ଚଢଉ କରିଥିଲେ । ଏ ସଂକ୍ରାନ୍ତରେ କନ୍ଧମାଳ ଅବକାରୀ କାର୍ଯ୍ୟାଳୟରେ ଏକ ମାମଲା ରୁଜୁ କରାଯାଇଛି ।

## ହୃଦ୍‌ଘାତରେ ଯୁବ ବ୍ୟବସାୟୀଙ୍କ ପରଲୋକ

**ବାଉଁଶୁଣି, ୨୩।୧(ସମିସ):** ବୌଦ୍ଧ ଜିଲ୍ଲା ବାଉଁଶୁଣିର ଯୁବ ବ୍ୟବସାୟୀ ତଥା ବାଉଁଶୁଣି ଛକ ରାମଲୀଳା



ନାଟ୍ୟ ସଂସଦର ସଭାପତି ବିଶିକେସନ ମେହେରଙ୍କ ପରଲୋକ ହୋଇଯାଇଛି । ସୋନପୁର ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ଘଟିଛି ।

## ୨ ଟ୍ରକ୍ ମୁହାଁମୁହିଁ ଧକ୍କା

**ଉଲୁଣ୍ଡା, ୨୩।୧(ସମିସ):** ସୋନପୁର-ସମ୍ବଲପୁର ରାସ୍ତାର ଉଲୁଣ୍ଡା ଥାନା ଏସ୍ ପତ୍ରାପାଲି ନିକଟରେ ୨ଟି ଟ୍ରକ୍ ମୁହାଁମୁହିଁ ଦୁର୍ଘଟଣା ଘଟିଛି । ସିଣ୍ଡୋଳ ମେଗାଳିପ୍ଲରୁ ଏକ ଟ୍ରକ (ଓଡି-୦୭-ୱାଇ-୨୮ ୬୪) ବାହାରି ସମ୍ବଲପୁର ପଟକୁ ଯାଉଥିଲା । ଏସପତ୍ରାପାଲି ମହାନଦୀ ଏଗ୍ରୋ ସମ୍ମୁଖରେ ଗାଡିକୁ ରାସ୍ତା କଡରେ ରଖି ଚାଳକ ଫିରୋଜ ମହାନ୍ତି ପରିଶ୍ରା କରିବା ପାଇଁ ଓହ୍ଲାଇଥିଲେ । ସେହି ସମୟରେ ସମ୍ବଲପୁର ପଟରୁ ଆସୁଥିବା ଏକ ଟ୍ରକ ଛିଡା ହୋଇଥିବା ଗାଡିକୁ ଧକ୍କା ଦେଇଥିଲା । ଦୁର୍ଘଟଣାରେ କାହାରି କିଛି କ୍ଷତି ହୋଇନଥିବା ବେଳେ ଗାଡି ଚୁରମାର ହୋଇଯାଇଛି । ତେବେ ପୁଲିସ ଗାଡି ଜବତ କରିଛି ।

## ୧୪୩କେଜି ଗଞ୍ଜାଇ ଜବତ; ଜଣେ ଗିରଫ

**ହରଭଙ୍ଗା, ୨୩।୧(ସମିସ):** ପୁରୁଣା କଟକ ଥାନା କଳାଖଣ୍ଡି ଗ୍ରାମ ନିକଟରୁ ମଙ୍ଗଳବାର ୧୪୩ କେଜି



ଗଞ୍ଜେଇ ଜବତ ହୋଇଛି । ଚାରିଛକ-ପୁରୁଣାକଟକ ରାସ୍ତାର କଳାଖଣ୍ଡି ଗ୍ରାମ ନିକଟରୁ ପୁଲିସ ଏହା ଜବତ କରି ଜରକୁ ଗିରଫ କରିଛି । ଗିରଫ ହୋଇଥିବା ବ୍ୟକ୍ତି ଜଣକ ହେଲେ ବୌଦ୍ଧ ସଦର ଥାନା ନାରାୟଣପୁର ଗ୍ରାମର ପରୀକ୍ଷିତ ବେହେରା । ଗଞ୍ଜେଇ ଚୋରା ଚାଲାଣ ହେଉଥିବା ଖବର ପାଇ ପୁଲିସ ଚଢ଼ଉ କରିଥିଲା ।

### ସୁଖ, ସମୃଦ୍ଧି କାମନା କରି ପୋଢ଼ବଳି ଦେଲେ ଆଦିବାସୀ ପରିବାର

# ୩୫ବର୍ଷ ପରେ ଡୋଟୋ ଗାଁରେ ବଳି

**ନୂଆପଡ଼ା/ଗଣ୍ଡାବାହାଲି, ୨୩।୧(ସମିସ)**

ବିଶ୍ୱାସ ଅଛି ମାଁ ଧରଣୀ ଦେବୀଙ୍କୁ ପୋଢ଼ ବଳି ଦେଇ ସନ୍ତୁଷ୍ଟି କଲେ ଜନ୍ମ ଜନ୍ମର ଦୁଃଖ ଖଣ୍ଡନ ହୋଇ ସୁଖ ସମୃଦ୍ଧି ହୋଇଥାଏ । ନୂଆପଡ଼ା ଜିଲ୍ଲା ଅନ୍ତର୍ଗତ ବୋଡେନ ବ୍ଲକ ଡୋଟୋ ଗ୍ରାମର ଆଦିବାସୀ ସମ୍ପ୍ରଦାୟ ଲୋକଙ୍କ ଏହି ଦୃଢ ବିଶ୍ୱାସ ରହିଛି । ଏମାନଙ୍କ ବିଭିନ୍ନ ପର୍ବ ପର୍ବାଣି ରହିଥାଏ । ଏହି ସମ୍ପ୍ରଦାୟ ବିଶେଷ କରି ପଶୁପକ୍ଷୀ ବଳି ଦେଇଥାନ୍ତି । ଆଦିବାସୀ କନ୍ଧ ସମ୍ପ୍ରଦାୟର ଲୋକ ପୌଷ ଶୁକ୍ଳ ପକ୍ଷ ଦଶମୀ ତିଥିରୁ ମାଘ ପୂର୍ଣ୍ଣିମା ମଧ୍ୟରେ ଧରଣୀ ଦେବୀଙ୍କ ନିକଟରେ ଏହି ପୋଢ ବଳି ଦେଇଥାନ୍ତି । ଏଥି ପାଇଁ ବର୍ଷ ଆଗରୁ ପୋଢ଼ କିଣାଯାଏ । ଏହି ପୋଢ଼ ସ୍ୱାଧୀନ ଭାବରେ ବୁଲେ । ତା ଦେହରେ ଧରଣୀ ଦେବୀ ରହିଥିବା ବିଶ୍ୱାସ ରହିଛି । ଏହି ହେତୁ ତାକୁ କେହି ବାଡ଼ିଆ ପିଟା କରି ନ ଥାନ୍ତି । ଏହି ବଳି ଆଗରୁ ପୋଢ଼କୁ ନେଇ ଆଖ ପାଖ ଗାଁକୁ ପରିକ୍ରମା କରାଯାଏ । ଏହାକୁ ସମସ୍ତେ ବନ୍ଦାପନା କରିଥାନ୍ତି । ଲୋକମାନେ ମଧ୍ୟ ପାରମ୍ପରିକ ଅସ୍ତ୍ରଶସ୍ତ୍ର ଧରି ଗାଁ ପରିକ୍ରମା କରି ବୁଲିଥାନ୍ତି ।





ତେବେ ମଙ୍ଗଳବାର ସକାଳ ୮ଟା ସମୟରେ ଡୋଟୋ ଗାଁର ଧରଣୀ ପୀଠରେ ପୋଢ଼ ବଳିଦିଆଯାଇଥିଲା । ସ୍ଥାନୀୟ ସୁନାରୀ ସିକୁଆଁ ଗାଁର ବନ୍ଧୁ ବାନ୍ଧବଙ୍କୁ ନିମନ୍ତ୍ରଣ କରାଯାଇଥିଲା । ସିକୁଆଁ ଗାଁରୁ ମାଁ ଗଡିଆଣୀ ଦେବୀଙ୍କ ଛତର ଡୋଟୋ ଗାଁକୁ ଆସିଥିଲା । ଦେବୀ ସାଙ୍ଗରେ କଟୋରିଆ କୁମୁଦ ଭୋଇ ମଧ୍ୟ ଆସିଥିଲେ । ବିଧି ମୁତାବକ ମାଁ ଧରଣୀ ଓ ପୋଢ଼କୁ ପୂଜାର୍ଚ୍ଚନା ପରେ ବଳି ଦିଆଯାଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ଲମ୍ବୋଦର ନିଆଲ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ସ୍ଥାନୀୟ ଗଣ୍ଡାବାହଲି, ଗମ୍ବାକ୍ଷରୀଗୁଡା, କକ୍ଷମପୁର ଏବଂ ଆଖ ପାଖ ଗାଁର ଲୋକ ବଳି ଓ ପୂଜା ଦେଖିବାକୁ ଠୁଳ ହୋଇଥିଲେ ।

### ଭାଲେର୍ ଧନୁଯାତ୍ରା ଚାଏର୍ ନମର୍ ଦିନ୍

## କୃଷ୍ଣକେ ମାରବାର୍ ଲାଗି ତର୍‌ତରେଇ ଯଉଛେ କଂସ୍

**ବଲାଙ୍ଗିର, ୨୩।୧(ସମିସ):** *ଗୁରସ୍ ଦାଁତ୍ ନେଇଁ ଆଁକରିବାର୍ ତାଲି । ସେ ଛୁଆକେ ଗୁରସ ପିଏଇ କରି ପୁତନା ଭଲିଆ ଅସୁରେନ୍ କେନ୍ତା ମରିଗଲା । ଇକଥା ହେତେଇ କଂସ୍ ରଜାର୍ ଆଖିଁ ଝୁମରା ନେଇଁ ପଡବାର୍ । ବିଜୁଲି କନ୍ୟାର୍ ଯେନ୍ ଶୂନ୍ୟବାଣୀ କରିଥିଲା ଇଟା ସେ ଛୁଆ ନେଇଁସେ ତ! ନନ୍ଦ ଘରେ ପରେ ଇ ଛୁଆର୍ ନାଁ କୃଷ୍ଣ ରଖିଛନ୍ । ତାର ସାଙ୍ଗେ ଆର୍ ଝନେ ଛୁଆର୍ ନାଁ ବଲରାମ୍ । ପୁତନା ସିନା ମରିଗଲା, ଅଷ୍ଟମଲ୍ଲ କେ ସୁମରନା କରାଯାଉ । ସେମାନେ ଯିବେ ଗୋପପୁର । ଇକଥା ଭାଲି ଅଷ୍ଟମଲ୍ଲ କେ ଡାକିଛେ ରଜା କଂସ୍ । ଅଷ୍ଟମଲ୍ଲର ରଡିଥି ଦୁଲଦୁଲେଇ ଗଲା ଦରାବର୍ । କଂସାସୁରର୍ ଆଦେଶ୍ ପାଇକରି ଅଷ୍ଟମଲ୍ଲ କୃଷ୍ଣ ବଲରାମ୍ କେ ମାରବାର୍ ଲାଗି ଗୋପପୁର କେ ଯାଇଛନ୍ । ଭାଲେର୍ ହାଇସ୍କୁଲ ପଡ଼ିଆନେ ଚାଲିଥିବାର୍ ଧନୁଯାତ୍ରାର୍ ଚାର୍ ନମର୍ ଦିନେ ଏନ୍ତା ଦୁରୁଶ୍ ସବୁ ଦେଖବାର୍ କେ ମିଲିଥିଲା ।*

*ମାଏନତା କୁନୁଆ ହିସାବେ ବଲାଙ୍ଗିର୍ ମ୍ୟୁନସିପାଲିଟିର୍ ଚେୟାର୍‌ମେନ୍ ଲିକା ସାହୁ, ସମିତି ସଭ୍ୟ ଆର୍ ଦେଓଗାଁ ବ୍ଲକ ର ଆଘଲିର୍ ଚେୟାରମେନ ଲକ୍ଷ୍ମଣ ମେହେର୍, ଜନାଶୁନା ଶ୍ରମିକ ନେତା, ସାଂସଦ୍ ନିରଞ୍ଜନ ବିଶିଙ୍କର୍ ପ୍ରତିନିଧି ଆର୍ ୱାର୍ଡ ନମ୍ବର ୭ ର କାଉନସିଲର୍ ଶମ୍ଭୁ ନାଗ, ୱାର୍ଡ ନମ୍ବର ୧୧ ର କାଉନସିଲର କିଶୋର କୁମ୍ଭାର, ଭାଲେର୍ ଏରିଆକେ ଲାଗିଥିବାର୍ ୱାର୍ଡ ନମ୍ବର ୧୭ ର କାଉନସିଲର୍ ପ୍ରତିମା ଛତ୍ରିଆ, ଭାଲେର ପେକ୍ସ ସଭାପତି ଆର୍ ଆଘଲି କାଉନସିଲର ସତ୍ୟପୀର ପାତ୍ର ମଚାନେ ବସିଥିଲେ । ପରେ ପୁରୀନୁ ଆସିଥିବାର୍ କଲାକାର୍ ମାନେ ମଲଖମ୍ବ ନାଚ୍ ଦେଖେଇଥିଲେ । ତାକର୍ ପରେ ସମଲେଶ୍ୱରୀ କଲାପରିଷଦ ଭାଲେର୍ ର କଲାକାର ମାନେ ନାଚ ଗୀତ କରିଥିଲେ ।*

## ବ୍ଲକ୍‌ସ୍ତରୀୟ ଭୀମଭୋଇ ସାମର୍ଥ୍ୟ ଶିବିର

**ଅମ୍ବାଭୋନା, ୨୩।୧(ସମିସ):** ଅମ୍ବାଭୋନା ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ମଙ୍ଗଳବାର ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର ହୋଇଯାଇଛି । ୪୨ ଜଣ ଦିବ୍ୟାଙ୍ଗଙ୍କ ମଧ୍ୟରୁ ୪ଜଣଙ୍କୁ ବସପାସ ଓ ୨ଜଣଙ୍କୁ ଶ୍ରବଣ ଯନ୍ତ୍ର ଯୋଗାଇ ଦିଆଯାଇଥିଲା । ଡା. ବାଦଲ ଏକ୍କା, ଡା. ପ୍ରଭାତ ରାଉଳ, ଡା. ରାଜେଶ ପାତ୍ର, ଡା ବିଜୟ ମାଲି, ନେପାଳ ଦୁଆନ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ଅମ୍ବାଭୋନା ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ଟିକେଶ୍ୱର ପଟେଲ ଓ ବ୍ଲକ କର୍ମଚାରୀ, ଅଙ୍ଗନବାଡ଼ି କର୍ମଚାରୀ ସହଯୋଗ କରିଥିଲେ ।

## କଲ୍ୟାଣ ମଣ୍ଡପର ଭିତ୍ତିପ୍ରସ୍ତର ସ୍ଥାପନ

**ପଦ୍ମପୁର, ୨୩।୧(ସମିସ):** ପଦ୍ମପୁର ସାହୁପଡ଼ା ତୈଳିକ ବୈଶ୍ୟ ସମାଜ ଆନୁକୂଲ୍ୟରେ ୱାର୍ଡ ନଂ ୧ କୁସୁନାପାଲିରେ କଲ୍ୟାଣ ମଣ୍ଡପର ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ଭାବରେ ବିଧାୟିକା ବର୍ଷା ସିଂ ବରିହା ଯୋଗଦାନ କରିଥିଲେ । ସମାଜର ସଭାପତି ଉମେଶଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ସମ୍ମାନିତ ଅତିଥି ଭାବରେ ବିପିନ ପଧାନ, ତହସିଲଦାର ପଦ୍ମପୁର, ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷା ସାବିତ୍ରୀ ବାଗ, ଉପାଧ୍ୟକ୍ଷା




ଭାରତୀ ପଟ୍ଟନାୟକ, କାଉନ୍ସିଲର ଗୌରୀ ସାହୁ, ଉପସଭାପତି ଲୋକନାଥ ସାହୁ, ସମ୍ପାଦକ ଶ୍ୟାମସୁନ୍ଦର ସାହୁ ମଞ୍ଚାସୀନ ଥିଲେ । ବିଜୟ ଦାନୀ ମଞ୍ଚ ପରିଚାଳନା କରିଥିଲେ । ବିସମ୍ପାଦକ ଶ୍ୟାମସୁନ୍ଦର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

### ଅଯୋଧ୍ୟାରେ ଶ୍ରୀରାମ ମନ୍ଦିର ପ୍ରାଣପ୍ରତିଷ୍ଠା ଉତ୍ସବ

## ଅନୁଭୂତି ବଖାଣିଲେ କର ସେବକ

**ମ.ରାମପୁର, ୨୩।୧(ସମିସ):** ଅଯୋଧ୍ୟାରେ ଶ୍ରୀ ରାମ ଲାଲାଙ୍କ ପ୍ରାଣ ପ୍ରତିଷ୍ଠା ହୋଇଛି । ଏହି ପ୍ରତିଷ୍ଠା ଅବସରରେ ପ୍ରତିଟି ଭାରତୀୟ ନିଜକୁ ସାମିଲ କରି ଘରେ ଘରେ ଉତ୍ସବ ପାଳିଛନ୍ତି । ତେବେ କର ସେବକ ଭାବେ ୧୯ ୯୧ ମସିହାରେ ଅଯୋଧ୍ୟା ର ବାବ୍ରୀ ମସଜିଦ ଭଙ୍ଗା ଘଟଣାରେ କଳାହାଣ୍ଡି ଜିଲ୍ଲା ମ.ରାମପୁର ବ୍ଲକ ତାଳସାଗର ପଡ଼ାର ଦେବାର୍ଚ୍ଚନ ମହାଖୁଡ଼ ସାମିଲ ହେଇଥିଲେ । ସ୍ୱର୍ଗତ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ନେତୃତ୍ୱରେ ସେ ନିଜକୁ ସାମିଲ କରିଥିଲେ । ଅନୁଭୂତି ବଖାଣି ସେ କହିଛନ୍ତି ଯେ, ବହୁତ୍ ଶ୍ରମ ସ୍ୱୀକାର କରି ଅଯୋଧ୍ୟାରେ ପହଞ୍ଚିଥିଲେ । ବାବରୀ ମସଜିଦ ଭଙ୍ଗା ଘଟଣାରେ ଲାଠି ମାଡ ଖାଇଥିଲେ । ଅଳ୍ପକେ ବର୍ତ୍ତି ଯାଇଥିଲେ ଗୁଳି ଖାଇବାରୁ । ତାଙ୍କ ସହ ଥିବା ଆଉ ଜଣେ ସନ୍ୟାସୀ ତାଙ୍କ ଆଖି ଆଗରେ ଟଳି ପଡ଼ିଲେ । ଏମିତି କେତେ ସନ୍ୟାସୀଙ୍କ ମୃତ୍ୟୁ ଆଖି ଆଗରେ ଦେଖିଛନ୍ତି । ଜଣେ ସନ୍ନ୍ୟାସୀଙ୍କୁ ଗୁଳି ବାଜିବା ଅବସ୍ଥାରେ ଡାକ୍ତର ଖାନା ପହଞ୍ଚାଇ ଜୀବନ ରକ୍ଷା କରି ପାରିଥିଲେ; ତଥାପି ରାମ ଝଣ୍ଡା ଲଗାଇବାରେ ସଫଳ ହେଇଥିଲେ । ନିକଟସ୍ଥ ସରଜୁ ନଦୀ କୂଳରେ ଅସ୍ଥାୟୀ ତମ୍ବୁରେ ରହି ସେ କର ସେବା ଦେଇଥଲେ । ଶ୍ରୀ ରାମଙ୍କ ପ୍ରାଣ ପ୍ରତିଷ୍ଠା ଦେଖି ସେ ନିଜକୁ ଧନ୍ୟ ମନେ କରିବା ସହ ଅତୀତର ସେହି ଦୃଶ୍ୟ ମନେ ପଡ଼ିଲେ ଏବେ ବି ତାଙ୍କରି ଲୋମ ଟାଙ୍କୁରି ଉଠୁଥିବା କହିଛନ୍ତି ।



## ତାଳପଦରରେ 'ନବୀନ ଓଡ଼ିଶା' ସଚେତନତା

**ଘେଁସ, ୨୩।୧(ସମିସ):** ତାଳପଦର ହାଇସ୍କୁଲ ପଡିଆରେ ଗ୍ରାମପଞ୍ଚାୟତସ୍ତରୀୟ 'ନବୀନ ଓଡିଶା' ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ହସ୍ତତନ୍ତ ଓ ବୟନ ଶିଳ୍ପ ମନ୍ତ୍ରୀ ରିତା ସାହୁ ମୁଖ୍ୟଅତିଥି, ବିଜେପୁର ପଞ୍ଚାୟତ ସମତି ଅଧ୍ୟକ୍ଷ ମୋତିରାମ ସାହୁ, ସରପଞ୍ଚ କାମିନୀ ପଧାନ, ପିଇଓ ଅଶ୍ୱିନୀ ସାହୁ, ଜିଆରଏସ କେଦାରନାଥ ଶ୍ରୀଦାର, ଭଦ୍ରମଣ୍ଡଳୀ, ମିଶନ ଶକ୍ତି, ଅଙ୍ଗନବାଡି କର୍ମୀଗଣ, ସ୍ୱୟଂ ସହାୟକ ଗୋଷ୍ଠୀର ମା'ମାନେ ଯୋଗଦାନ କରିଥିଲେ । ନୃତ୍ୟଗୀତରେ କୃତିତ୍ୱ ଲାଭ କରିଥିବା ଛୋଟ ଛୋଟ କଳାକାରଙ୍କୁ ମନ୍ତ୍ରୀ ପୁରସ୍କୃତ କରିଥିଲେ । ସାମ୍ବାଦିକ ପ୍ରାଣବନ୍ଧୁ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।



## ରେଙ୍ଗାଲପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଜୟପାଟଣା, ୨୩।୧(ସମିସ):** ଜୟପାଟଣା ବ୍ଲକ ରେଙ୍ଗାଲପାଲି କ୍ଲଷ୍ଟର ରେଙ୍ଗାଲପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୬୬ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରଥମ ଅଧିବେଶନରେ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଜାନକୀ ବାଣୁଆ ମୂଖ୍ୟ ଅଥିତି ଭାବରେ



ଯୋଗଦେଇଥିବା ବେଳେ କେନ୍ଦ୍ର ସାହିତ୍ୟ ଏକାଡେମୀ ଯୁବ ଗାଳ୍ପିକ ପୁରସ୍କାର ପ୍ରାପ୍ତ ଶିକ୍ଷକ ତଥା ସୁ ଲେଖକ ଡିଲେଶ୍ୱର୍ ରଣା ମୁଖ୍ୟ ବକ୍ତା, ସରପଞ୍ଚ ଐଶ୍ବର୍ଯ୍ୟ ଦାସ, ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ ଟିକେଚନ୍ଦ୍ର ମାଝୀ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁରେନ୍ଦ୍ର ମୋହନ ଯୋଶୀ, ବରିଷ୍ଠ ଶିକ୍ଷାବିତ୍ ତଥା ପରମାନନ୍ଦ ଉଚ୍ଚ ବିଦ୍ୟାଳୟ ରେଙ୍ଗାଲପାଲିର ପ୍ରଧାନ ଶିକ୍ଷକ ରବୀନ୍ଦ୍ର ମୁଣ୍ଡ, ଖଲିଆଭଟା ସରକାରୀ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ଉମାଶଙ୍କର ପଣ୍ଡା, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ରମାକାନ୍ତ ମାଝୀ ଏବଂ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଲଳିତ ନାଏକ ପ୍ରମୁଖ ସମ୍ମାନିତ ଥିଲେ । ବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷ ଉମାଶଙ୍କର ଦୀପ ସଭାପତତ୍ୱ କରିଥିଲେ । ଧର୍ମଗଡ଼ ଉପ ଜିଲ୍ଲାପାଳ ବିରଞ୍ଚି ନାରାୟଣ ଦରୱାନ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଶ୍ୱନାଥ ରାଉତ ଉପସ୍ଥିତ ଥିଲେ । ଦ୍ୱିତୀୟ ଅଧିବେଶନରେ ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର କୁଳପତି ଡ. ସଞ୍ଜୟ ଶତପଥୀ, ଥୁଆମୁଲ ରାମପୁର ମା ମାଣିକେଶ୍ୱରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ସତ୍ୟନାରାୟଣ ମୁଣ୍ଡଛିନା, ବଜେନ୍ଦ୍ର ପଟ୍ଟଯୋଶୀ, ଜୟପାଟଣା ବ୍ଲକ ଅଧ୍ୟକ୍ଷ ଥବିର ବାଗ, ଯୋଗବ୍ୟାସ ଭୋଇ, ଶେଷଦେବ ବେହେରା, ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷ ଗିରିଶଚନ୍ଦ୍ର ପଟେଲ, ଏବିଇଓ ଟିକେ ଚନ୍ଦ୍ର ମାଝୀ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଲଳିତ ନାଏକ ଅତିଥି ଭାବେ ଯୋଗ ଦେଇଥିଲେ । ମଧୁସ୍ମିତା ସାହୁ ସଭାପତିତ୍ୱ କରିଥିଲେ । ଏହି ଅବସରରେ ସାମ୍ବାଦିକ ଶେଷଦେବ ବେହେରା, ସନତ ପ୍ରଧାନି, ଅଶ୍ରଫ ଅଲ୍ଲୀ, ବିରଞ୍ଚି ନାଏକ, ଜଗଜୀବନ୍ ନାଏକ ଓ ଶିକ୍ଷକ କୁଞ୍ଜବିହାରୀ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଅନନ୍ତ ନାରାୟଣ ପଣ୍ଡା, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ପ୍ରିୟଙ୍କା ଶୁକ୍ଳା, ଶୁଭେନ୍ଦୁ ପଣ୍ଡା, ପ୍ରଦୀପ ସରାବୁ, ନବ କିଶୋର ନାଏକ ଓ ଚିତ୍ତରଞ୍ଜନ ଦଳପତି ପ୍ରମୁଖ ମଞ୍ଚ ପରିଚାଳନା କରିଥିଲେ । ପୂର୍ଣ୍ଣଚନ୍ଦ୍ର ପଣ୍ଡା, ଅନନ୍ତ ନାରାୟଣ ପଣ୍ଡା ସଭା କାର୍ଯ୍ୟ ପରିଚାଳନା କରିଥିଲେ । ଅଶ୍ୱିନୀ ତାଣ୍ଡି ଧନ୍ୟବାଦ ପ୍ରଦାନ କରିଥିଲେ ।

### ମାଁ ମାଉଳି କ୍ରିକେଟ ଟୁର୍ଣ୍ଣାମେଣ୍ଟ

## କୋଟାଗାଁ ଘରୋଇ ଟିମ ଚାମ୍ପିଅନ

**କଳମପୁର, ୨୩।୧ (ସମିସ):** କଳାହାଣ୍ଡି ଜିଲ୍ଲା କଳମପୁର ବ୍ଲକ ଅନ୍ତର୍ଗତ କୋଟାଗାଁ ଖେଳ ପଡ଼ିଆ ଠାରେ ମାଁ ମାଉଳି କ୍ରିକେଟ କମିଟି ତରଫରୁ ଚାଲିଥିବା ଟୁର୍ଣ୍ଣାମେଣ୍ଟ ମଙ୍ଗଳବାର ଉଦଯାପିତ ହୋଇଯାଇଛି । ଏଥିରେ ୧୬ଟି ଦଳ ଭାଗନେଇ ଥିବା ବେଳେ ଉଦଯାପନୀ ଦିବସରେ କୋଟାଗାଁ ଦଳ ଏବଂ ଚକୁଳି ଦଳ ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା । ପ୍ରଥମେ ଚକୁଳି ଦଳ ବ୍ୟାଟିଙ୍ଗକରୀ ୧୨ଓଭର ବିନିମୟରେ ୬୮ ରନ ସଂଗ୍ରହ କରି ଅଲ ଆଉଟ ହୋଇଥିଲେ । ଜବାବରେ କୋଟାଗାଁ ଦଳ ୭ଓଭର ସୁଦ୍ଧା ଟାର୍ଗେଟକୁ ଅତିକ୍ରମ କରି ବିଜୟୀ ସହ ଚାମ୍ପିଅନ ହୋଇଥିଲେ । ସୁବାସ ନାଗ ଏବଂ ପଦ୍ମନ୍ ପାଳ ଅମ୍ପାୟର ଥିଲେ । ଉଦଯାପନୀ ଦିବସରେ ଅତିଥି ଭାବରେ ମଣ୍ଡଳ ପଞ୍ଚାୟତ ଯୋଗାଣ ସହାୟକ ଅନଙ୍ଗସେନ ବାଗ, ଶିକ୍ଷକ ପ୍ରକାଶ ଚନ୍ଦ୍ର ବେହେରା, ଶିକ୍ଷକ ଜିତେନ୍ଦ୍ର ମାଝୀ, କୁନ୍ତଭଟ୍ଟ ମାଝୀ, ରଙ୍ଗେଲାଲ ଦୀପ, ହରେରାମ ଦୀପ, ତ୍ରିଲୋଚନ ପାଳ, ଯୌବନ ଦୀପ, ହରିଶଙ୍କର ଦୀପ, ବିଜୟ ଗହିର, ରଜନୀ ଛତ୍ରିଆ, ତ୍ରିନାଥ ସତନାମି ପ୍ରମୁଖ ମଞ୍ଚାସୀନ ଥିଲେ । ମଣ୍ଟୁ ପାଳ ଧାରାବିବରଣୀ ପ୍ରଦାନ କରିଥିବା ବେଳେ ସ୍କୋରର ଭାବରେ ହରିଶ ଚନ୍ଦ୍ର ପାଳ ଦାୟିତ୍ୱ ନିର୍ବାହ କରିଥିଲେ । କୋଟାଗାଁ ଦଳର ଖେଳାଳି ପବିତ୍ର କାଣ୍ଡଙ୍କୁ ମ୍ୟାନ ଅଫ ଦ ସିରିଜ ଏବଂ କର୍ଣ୍ଣ କରଙ୍କୁ ମ୍ୟାନ ଅଫ ଦ ମ୍ୟାଚ ପ୍ରଦାନ କରାଯାଇଥିଲା ।



### ବରଗଡ଼ ଧନୁଯାତ୍ରା ମୀନାବଜାରରେ ରକ୍ତଦାନ ଶିବିର

## ୧୨୧ ୟୁନିଟ ରକ୍ତ ସଂଗୃହୀତ



**ବରଗଡ,୨୩।୧(ସମିସ):** ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରା ମହୋତ୍ସବ ଅବସରରେ ନିଷ୍ଠା ପରିବାରରେ ତରଫରୁ ମିନା ବଜାର ପଡିଆରେ ଚାଲିଥିବା ରକ୍ତଦାନ ଶିବିର ତୃତୀୟ ଦିନରେ ୧୨୧ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା । ତୃତୀୟ ଦିନରେ ପୁର୍ବତନ ସାଂସଦ ପ୍ରଭାସ ସିଂହ, ସମ୍ବଲପୁରୀ ବସ୍ତ୍ରାଳୟର ସଭାପତି ସମ୍ବିତ ଆଚାର୍ଯ୍ୟ, କୋପରେଟିଭ ବ୍ୟାଙ୍କ ସଭାପତି ନଗେନ୍ଦ୍ର ପ୍ରଧାନ, ବିଭୁଭୂଷଣ ପଣ୍ଡା, ଗୋବିନ୍ଦପୁର ସରପଞ୍ଚ ପ୍ରଫୁଲ୍ଲ ନାୟକ, ସମାଜସେବୀ ଦିଲ୍ଲୀପ ସାୱଡ଼ିଆ, ଜିଲ୍ଲା ପରିଷଦ ସଭ୍ୟା ନୀଳକୁମାରୀ ନାଏକ ଅତିଥି ଭାବେ ଯୋଗ ଦେଇଥିଲେ । ଶିବିରକୁ ନିଷ୍ଠା ପରିବାରର ଉପଦେଷ୍ଟା ସଚି ପଣ୍ଡା, ଜିତୁ ମହାପାତ୍ର, ଅଶ୍ୱିନୀ ତ୍ରିପାଠୀ, ଉପସଭାପତି କ୍ଷିରୋଦ୍ର ସାହୁ, ଆଶିଷ କର, ସଭାପତି ରକ୍ଷପାଳ ସାହୁ, ଜୟନ୍ତ ପ୍ରଧାନ, ସମ୍ପାଦକ ଲୋକନାଥ ସାହୁ, କୋଷାଧ୍ୟକ୍ଷ ଶ୍ୟାମସୁନ୍ଦର ସାହୁ, ସହସମ୍ପାଦକ ମଦନ ମୋହନ ଦାସ, ମହିଳା ଶାଖା ସଂଯୋଜିକା ତ୍ରିପୁରା ସୁହୁଲା ଓ ଅନ୍ୟ ସଦସ୍ୟ ସଦସ୍ୟା ପରିଚଳନା କରିଥିଲେ ।

## 'ଗଭୀର ବିଶ୍ୱାସରେ ହିଁ ସଂସ୍କୃତ ଭାଷା ପୁନଃ ପ୍ରତିଷ୍ଠା ସମ୍ଭବ'

**ବରଗଡ଼, ୨୩।୧(ସମିସ)**

ସଂସ୍କୃତ ଭାଷାରେ ଗଭୀର ଜ୍ଞାନ ରହିଛି । ସଂସ୍କୃତ ଭାଷା ଉପରେ ଆମର ଗଭୀର ବିଶ୍ୱାସ ରହିଲେ ସଂସ୍କୃତ ଭାଷାର ପୁନଃପ୍ରତିଷ୍ଠା ହୋଇପାରିବ ବୋଲି ବରଗଡ଼ ରାଣାପ୍ରତାପ ସ୍କୁଲଠାରେ ସଂସ୍କୃତ ଭାରତୀ ଆନୁକୂଲ୍ୟରେ ଅନୁଷ୍ଠିତ ଜନପଦ ସମ୍ମିଳନୀରେ ବିଶିଷ୍ଟ ବକ୍ତାଗଣ ମତପ୍ରକାଶ କରିଛନ୍ତି । ପ୍ରାନ୍ତୀୟ ଅଧ୍ୟକ୍ଷ ଆୟୁଷ୍ମନ୍ତ ଷଡଙ୍ଗୀଙ୍କ ତତ୍ତ୍ୱାବଧାନରେ ଓ ପଣ୍ଡିତ ଗୋପବନ୍ଧୁ ପୁରୋହିତଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ନୂଆଦିଲ୍ଲୀ ସ୍ଥିତ ପଲିଟେକନିକର ଅଧ୍ୟକ୍ଷ ସଚିନ୍ଦ୍ର ଗୋଖୁରା ଉଦଘାଟନ କରିଥିଲେ । ମୁଖ୍ୟବକ୍ତା ଭାବେ ପୂର୍ବ କ୍ଷେତ୍ର ସଂଯୋଜକ ପଣ୍ଡିତ ନୃସିଂହ ଚରଣ ପଣ୍ଡା, ସମ୍ମାନିତ ଅତିଥି ଦଧିବାମନ ମୁକ୍ତି ମଣ୍ଡପ ସଭା ଅଧ୍ୟକ୍ଷ ନେହେରୁଲାଲ ଶତପଥି, ନବପ୍ରଭାତ ଗୁରୁକୁଳ ଅଧ୍ୟକ୍ଷ ଆଚାର୍ଯ୍ୟ ବୃହସ୍ପତି ଶାସ୍ତ୍ରୀ, ଦିବ୍ୟ ଜୀବନ ସଂଘ ପ୍ରମୁଖ ରବୀନ୍ଦ୍ର ପ୍ରଧାନ, ପ୍ରାକ୍ତନ ଅଧ୍ୟାପକ ଅନ୍ତର୍ଯ୍ୟାମୀ ଦାଶ, ଜିଲ୍ଲା ବେଦ ପ୍ରଚାର ସମିତି ସମ୍ପାଦକ ଅଶୋକ ମେହେର, ଜିଲ୍ଲା ସଂସ୍କୃତ ଶିକ୍ଷକ ସଂଘ ସଭାପତି ପଣ୍ଡିତ ସୁରେଶ ଚୌହାନ, ଡ.ଡୋଲାମଣି ଶତପଥି, ପଶ୍ଚିମ ଓଡ଼ିଶା ଆର୍ଯ୍ୟ ସମାଜ ସଂଗଠନ ମନ୍ତ୍ରୀ ପଣ୍ଡିତ ଧନୁର୍ଦ୍ଧର ମହାପାତ୍ର, ରାଜକୁମାର ବରାଡ, ରାଣା ପ୍ରତାପ ସ୍କୁଲ ମୋ ସ୍କୁଲ ପରିଚାଳନା କମିଟି ଅଧ୍ୟକ୍ଷ ନନ୍ଦ କିଶୋର ଅଗ୍ରୱାଲ ଯୋଗ ଦେଇଥିଲେ । ଭଟଲୀ ବ୍ଲକ କୁଲିତାପାଲି ଗ୍ରାମର ମହିଳା କର୍ମକର୍ତ୍ତା ସମେତ ସଂସ୍କୃତ ଭାରତୀ ବ୍ଲକ ଅଧ୍ୟକ୍ଷ ଗିରିଧାରୀ ବାରିକ, ଶ୍ରୀବତ୍ସ ପାଣିଗ୍ରାହୀ ନିଜର ମତ ଉପସ୍ଥାପନ କରିଥିଲେ । ସଂସ୍କୃତ ଏକକ ଅଭିନୟ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଅଧ୍ୟାପକ ରାଜୀବ ଲୋଚନ ସାହୁଙ୍କ ସଂଯୋଜନାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ସଂସ୍କୃତ ଭାରତୀ ବରଗଡ଼ ଜିଲ୍ଲା ସଂଯୋଜକ ହେମନ୍ତ ପ୍ରଧାନ ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ । ଉପସଭାପତି ରାଜକିଶୋର ସାହୁଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ଅଧ୍ୟାପିକା ଦମୟନ୍ତୀ କର ଧନ୍ୟବାଦ ଅର୍ପଣ କରିଥିଲେ । ଉର୍ମି ଭୋଇ, ଦେବାଶିଷ ଦାଶ, ବିଭାଗ ସଂଯୋଜକ ଅଜିତ ରଣା, ଶାନ୍ତି ପାତିକାର, ପ୍ରକାଶଚନ୍ଦ୍ର ଅଦାବର ସହଯୋଗ କରିଥିଲେ ।



# ବିଭିନ୍ନ ସ୍ଥାନରେ ନେତାଜୀ ଓ ବୀର ସୁରେନ୍ଦ୍ର ସାଏ ଜୟନ୍ତୀ ପାଳିତ

ସୁନ୍ଦରଗଡ଼,୨୩।୧(ସମିସ)

ମଙ୍ଗଳବାର ଥିଲା ଓଡ଼ିଶାର ଦୁଇ ବରପୁତ୍ର ମହାନ ସ୍ୱାଧୀନତା ସଂଗ୍ରାମୀ, ଦେଶଭକ୍ତ, ମୁକ୍ତି ସଂଗ୍ରାମର ଅବିସ୍ମରଣୀୟ ଯୋଦ୍ଧା ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜନ୍ମଜୟନ୍ତୀ। ନେତାଜୀ ୧୮ ୯୭ ମସିହା ଜାନୁଆରୀ ୨୩ ଏବଂ ବୀର ସୁରେନ୍ଦ୍ର ସାଏ ୧୮୦୯ ଜାନୁଆରୀ ୨୩ରେ ଓଡ଼ିଶାରେ ଜନ୍ମଗ୍ରହଣ କରିଥିଲେ। ନେତାଜୀଙ୍କୁ ସମଗ୍ର ବିଶ୍ୱର ଲୋକେ ଭଲ ଭାବରେ ଜାଣୁଥିଲେ। ସିପାହୀ ବିଦ୍ରୋହ ପୂର୍ବରୁ ଇଂରେଜ ବିରୋଧରେ ସ୍ୱର ଉତ୍ତୋଳନ କରିଥିବା ମହାନ ସ୍ୱାଧୀନତା ସଂଗ୍ରାମୀ ହେଉଛନ୍ତି ବୀର ସୁରେନ୍ଦ୍ର ସାଏ। ଏହି ଦୁଇ ମହାନ ସ୍ୱାଧୀନତା ସଂଗ୍ରାମୀଙ୍କ ଜୟନ୍ତୀ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସମାରୋହରେ ପାଳିତ ହୋଇଛି।

### ● ବିଜୁ ଜନତା ଦଳ

ସୁନ୍ଦରଗଡ଼ ବିଜୁ ଜନତା ଦଳ (ବିଜେଡି) ପକ୍ଷରୁ ସ୍ଥାନୀୟ ରଙ୍ଗାଢିପାସ୍ଥିତ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତି ସ୍ଥଳରେ ନେତାଜୀ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳନ କରାଯାଇଛି। ଏହି ଅବସରରେ ଏଠାରେ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଜିଲ୍ଲା ବିଜେଡି ଉପସଭାପତି ଜୟନାରାୟଣ ତ୍ରିପାଠୀ, ନଗର ସଭାପତି ତଥା ଉପନଗରପାଳ ଲଲାଟେନ୍ଦୁ ପରିଡ଼ା, ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆ ଏହି ଦୁଇ ମହାନ ସ୍ୱାଧୀନତା ସଂଗ୍ରାମୀଙ୍କ ଜୀବନୀ ଉପରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ବିଜେଡି ଉପସଭାପତି ଗୋପବନ୍ଧୁ ମହାନ୍ତି, କାଉନସିଲର ଅନିଲ ମହାପାତ୍ର, ନଗର ଛାତ୍ର ବିଜେଡି ସଭାପତି ନରଦୀପ



ସିଂ, ଯୁବ ବିଜେଡି ନେତା ଅଶୋକ ମହାନ୍ତି, ମୁକେଶ ମାଝୀ, ପ୍ରିନ୍ସ ସିଂ, ଆଶିଷ ସାହା, ଜ୍ଞାନରଞ୍ଜନ ତାଣ୍ଡିଆ, ରୋଶନ ବିଶ୍ୱକର୍ମା ପ୍ରମୁଖ ଉପସ୍ଥିତ ଥିଲେ। ସୁନ୍ଦରଗଡ଼ରେ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତି ନ ଥିବାରୁ ପରେ ସେମାନେ ଝାରସୁଗୁଡ଼ା ବିମାନ ବନ୍ଦରକୁ ଯାଇ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

### ● ଜିଲ୍ଲା କଂଗ୍ରେସ କମିଟି

ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ରଙ୍ଗାଢିପା ଛକସ୍ଥିତ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତିସ୍ଥଳରେ ନେତାଜୀ ଏବଂ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ ହୋଇଛି। ଜିଲ୍ଲା କଂଗ୍ରେସ କମିଟି ଉପସଭାପତି ଅଜିତ ପ୍ରସାଦଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ ସମାରୋହରେ ବେଣୁମାଧବ ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ଦୁଇ ମହାନ ସ୍ୱାଧୀନତା



ସଂଗ୍ରାମୀଙ୍କ ଗୁଣଗାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଦେଶ ମହିଳା କଂଗ୍ରେସ ସମ୍ପାଦିକା ଗେରୋଟୀ ଖେସ୍, ଆନ୍ଥୋନି କୁଲ୍ଲୁ, ମୁନ୍ନୁ ସରାଫ, ପ୍ରଣବ ସିଂ, ନେପାଳ ସାହୁ, ମନୋଜ ମହାରଣା, ଶ୍ୟାମ ସହାୟ, ଲବଣୀଧର ବାଗ, ଦେବାଶିଷ ଦାସ, ରାଜେନ୍ଦ୍ର ପଟେଲ, ବିଶ୍ୱଜିତ ପଟ୍ଟନାୟକ, ଇମ୍‌ତିୟାଜ ଖାଁ, ବିଶ୍ୱାମିତ୍ର ପ୍ରଧାନ, ଭୀଷ୍ମ ଦେବ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

### ● ସୁନ୍ଦରଗଡ଼ ପବ୍ଲିକ ସ୍କୁଲ

ସୁନ୍ଦରଗଡ଼ ପବ୍ଲିକ ସ୍କୁଲରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ ହୋଇଛି। ପ୍ରଥମେ ଦୁଇ ମହାନ୍ ସ୍ୱାଧୀନତା ସଂଗ୍ରାମୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ଓ ଦୀପ ପ୍ରଜ୍ୱଳନ



କରାଯାଇଥିଲା। ଅଧ୍ୟକ୍ଷା ହରିପ୍ରିୟା ପଟେଲ ଦେଶ ପାଇଁ ଦୁଇ ମହାନ ସଂଗ୍ରାମୀଙ୍କ ତ୍ୟାଗ, ବୀରତ୍ୱ, ଦେଶଭକ୍ତି ବିଷୟରେ ଆଲୋକପାତ କରିବା ସହ ନିଜ ଭିତରେ ଦେଶ ପାଇଁ ସବୁବେଳେ ତ୍ୟାଗ ଓ ପ୍ରେମ ରହିବା ଉଚିତ ବୋଲି ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଶିକ୍ଷକ ଦେବାଶିଷ ଦାସ, ପ୍ରୀତି ପ୍ରସାଦ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ସ୍କାଉଟ ମାଷ୍ଟର ଅଶୋକ ପରିଡ଼ାଙ୍କ ତତ୍ତ୍ୱାବଧାନରେ ସ୍କାଉଟ ଛାତ୍ରଛାତ୍ରୀ ରଙ୍ଗଢିପା ଛକରେ ଥିବା ନେତାଜୀଙ୍କ ପ୍ରତିମୂର୍ତ୍ତିସ୍ଥଳକୁ ସଫାସୁତୁରା କରି ମାଲ୍ୟାର୍ପଣ କରିଥିଲେ। ପରେ ବାରଗାଡ଼ ଗ୍ରାମକୁ ଯାଇ ବୃଦ୍ଧ, ଅସହାୟ, ଛୋଟପିଲାଙ୍କୁ ଖାଦ୍ୟ ବଣ୍ଟନ କରିଥିଲେ। ଶିକ୍ଷୟିତ୍ରୀ ପ୍ରିୟଙ୍କା ଜେନା ଧନ୍ୟବାଦ ଦେଇଥିଲେ। ବିଦ୍ୟାଳୟର ଟ୍ରଷ୍ଟି ସମ୍ପାଦକ ରାଜକିଶୋର ଷଡ଼ଙ୍ଗୀଙ୍କ ତତ୍ତ୍ୱାବଧାନରେ ଏହା ଆୟୋଜିତ ହୋଇଥିବା ବେଳେ ସନ୍ତୋଷ ମହନ୍ତ, ଚିନ୍ତାମଣି ବନଛୋର, ଦୋଳମଣି ଦେବତା ପ୍ରମୁଖ ସହଯୋଗ କରିଥିଲେ।

## ବ୍ରହ୍ମାକୁମାରୀ ସଂସ୍ଥାର ବାର୍ଷିକ ଉତ୍ସବ



**ସୁନ୍ଦରଗଡ଼,୨୩।୧(ସମିସ):** ବଡ଼ଗାଁ ବ୍ଲକ ଚଳନାମୁଣ୍ଡାସ୍ଥିତ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ଏଥିରେ ମାରୱାଡି ସମାଜ ସଭାପତି ଭିଖୁରାମ ଅଗ୍ରୱାଲ ମୁଖ୍ୟଅତିଥି ଭାବେ ଦେଇ ଜୀବନର ଶାନ୍ତି ଗୁଣ ଧାରଣ ଏବଂ ଆଧ୍ୟାତ୍ମିକ ମାର୍ଗ ଦ୍ୱାରା ବିଶ୍ୱଶାନ୍ତି ସ୍ଥାପନ ହୋଇପାରିବ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ସୁନ୍ଦରଗଡ଼ ଶାଖା ସଞ୍ଚାଳିକା ବ୍ରହ୍ମାକୁମାରୀ ଜ୍ୟୋସ୍ନା ସକାରାତ୍ମକ ଚିନ୍ତନ ସହ ରାଜଯୋଗ ଅଭ୍ୟାସ ଦ୍ୱାରା ଜୀବନରେ ପରିବର୍ତ୍ତନ ଆସିଥାଏ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ ଡା. ଜଗଦୀଶ ବାରିକ, ଶିଳ୍ପ ତାଲିମ କେନ୍ଦ୍ର ନିର୍ଦ୍ଦେଶକ ଡ. ଅରୁଣ ନାୟକ, ଅବସରପ୍ରାପ୍ତ ଜିଲ୍ଲା ଶିଳ୍ପ କେନ୍ଦ୍ର ମହାପ୍ରବନ୍ଧକ ବାଣେଶ୍ୱର ସୁବୁଦ୍ଧି, ଶିକ୍ଷକ ଗୋକୁଳାନନ୍ଦ ପୁରୋହିତ, ମୁରଲୀଧର ସିକା ଯୋଗଦେଇ ବ୍ରହ୍ମାକୁମାରୀ ଅନୁଷ୍ଠାନର ପ୍ରଶଂସା କରି ନିଜ ଅନୁଭୂତି ପ୍ରକାଶ କରିଥିଲେ। ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ସୁପ୍ରଭା ସେଠ, ଉଜ୍ଜ୍ୱଳପୁର ଶାଖା ସଞ୍ଚାଳିକା ବ୍ରହ୍ମାକୁମାରୀ ଚମ୍ପକ ପରମାତ୍ମା ଅବତରଣ ହୋଇ ବିଶ୍ୱଶାନ୍ତି ପାଇଁ ରାମରାଜ୍ୟ ସ୍ଥାପନ କରିଛନ୍ତି ବୋଲି କହିଥିଲେ। ହେମଗିରି ଶାଖା ସଞ୍ଚାଳିକା ବ୍ରହ୍ମାକୁମାରୀ କିରଣ ସଭା ସଞ୍ଚାଳନ କରିଥିବା ବେଳେ ବଡ଼ଗାଁ ସଞ୍ଚାଳିକା ବ୍ରହ୍ମାକୁମାରୀ ପ୍ରତିମା ଧନ୍ୟବାଦ ଅର୍ପଣ କରିଥିଲେ।

## ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା; ସୁନ୍ଦରଗଡ଼ ଜିଲ୍ଲା ଉତ୍ସବମୁଖର



**ସୁନ୍ଦରଗଡ଼,୨୩।୧(ସମିସ):** ରାମ ଜନ୍ମଭୂମି ଅଯୋଧ୍ୟାରେ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଅବସରରେ ସୋମବାର ସୁନ୍ଦରଗଡ଼ ଜିଲ୍ଲା ଉତ୍ସବମୁଖରିତ ହୋଇ ଉଠିଛି। ଗାଁରୁ ସହର ଯାଏଁ ଲୋକେ ନିଜ ଘର ସଫାସୁତୁରା କରି ତୁଳସୀ ଚଉଁରା ମୂଳେ ଝୋଟି ପକାଇଥିଲେ। ଏଥିସହ ସେମାନେ ଭଗବାନ ଶ୍ରୀରାମଚନ୍ଦ୍ରଙ୍କୁ ପୂଜାର୍ଚ୍ଚନା କରିଥିଲେ। ସେହିପରି ବିଭିନ୍ନ ଦେବାଳୟ ସହ ଗ୍ରାମ, ପଡ଼ାରେ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ କରାଯାଇଥିଲା। ସୁନ୍ଦରଗଡ଼ ସହର ରାମଜୀ ମନ୍ଦିର, ଟାଙ୍ଗରପାଲି ବ୍ଲକ ନଦୀସୁଗୁଡ଼ା ଆଦି ବିଭିନ୍ନ ଶ୍ରୀରାମ ମନ୍ଦିରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବିଭିନ୍ନ ହନୁମାନ ମନ୍ଦିର ପ୍ରାଙ୍ଗଣରେ ସକାଳୁ ରାମଭକ୍ତଙ୍କ ଦ୍ୱାରା ପୂଜାର୍ଚ୍ଚନା ଆରମ୍ଭ ହୋଇଥିଲା। ଶ୍ରଦ୍ଧାଳୁମାନେ ନିର୍ଦ୍ଧାରିତ ସମୟରେ ଦୀପ ପ୍ରଜ୍ୱଳନ କରି ନଡ଼ିଆ, ଫୁଲ, ପ୍ରସାଦ ସହ ହୋମଯଜ୍ଞ କରି ହନୁମାନ ଚାଳିଶା ପାଠ କରିଥିଲେ। ସମସ୍ତଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। ସନ୍ଧ୍ୟାରେ ଲୋକେ ଖୁସିରେ ନିଜ ଦେବଦେବୀଙ୍କ ସହ ଘର ଅଗଣାରେ ଦୀପ ଜାଳିଥିଲେ। ନିଜ ଘରକୁ ଅଲୋକମାଳାରେ ସୁସଜ୍ଜିତ କରିଥିଲେ। ସେହିପରି ବାଣ ଫୋଟକାରେ ଗାଁରୁ ସହର ଦୁଲୁକି ଉଠିଥିଲା। ମିଷ୍ଟାନ୍ନ ବଣ୍ଟନ କରି ଖୁସି ମନାଇଥିଲେ। ସତେ ଯେପରି ଦୀପାବଳିର ଭ୍ରମ ସୃଷ୍ଟି ହୋଇଥିଲା। ପୁଲିସ ପ୍ରଶାସନ ପକ୍ଷରୁ ସମଗ୍ର ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିଲା।



# ଓଡ଼ିଶା ମିଲେଟ ମିଶନ ପକ୍ଷରୁ ପୁଷ୍ଟିଶସ୍ୟ ଖାଦ୍ୟମେଳା

**ସୁନ୍ଦରଗଡ଼,୨୩।୧(ସମିସ):** ସୁନ୍ଦରଗଡ଼ ସଦର ବ୍ଲକ ଲେଡ଼ିମଙ୍ଗ ଗ୍ରାମ ସାପ୍ତାହିକ ବଜାର ପ୍ରାଙ୍ଗଣରେ ସେୱା ଅନୁଷ୍ଠାନ ଦ୍ୱାରା ପରିଚାଳିତ ଓଡ଼ିଶା ମିଲେଟ ମିଶନ ତରଫରୁ ପୁଷ୍ଟିଶସ୍ୟ ଖାଦ୍ୟମେଳା ଅନୁଷ୍ଠିତ ହୋଇଛି। ଲେଡ଼ିମଙ୍ଗ ସରପଞ୍ଚ ଅନିରୁଦ୍ଧ ଠେମେରିଆ ଏବଂ ସଦର (କ) ଜିଲ୍ଲା ପରିଷଦ ସଭ୍ୟ ଅଶ୍ୱିନୀ କୁମାର ନାଏକ ଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ମଝାପଡ଼ା ସହକାରୀ କୃଷି ଅଧିକାରୀ ସଂଘମିତ୍ରା ସାହୁ, ପ୍ରକଳ୍ପ ସଂଯୋଜିକା ଦକ୍ଷଶିଳା ନାଏକ, ସହ ସଂଯୋଜିକା ସୁଚିତା ମିଞ୍ଜ, ସିଇଓ ସବିତା ଧୁରୁଆ, କୋଷାଧ୍ୟକ୍ଷ ରୀତା ମେହେର, ହେମନ୍ତ କିସାନ, ସିଆରପି ନିରୂପମା, ସୁମିତ୍ରା, ମଞ୍ଜୁ,





ଲଳିତା, ବିଳାସିନୀ, ରାଜକୁମାରୀ, ଲିଲି ଏବଂ ମା' ଶୁଭଲକ୍ଷ୍ମୀ ଗ୍ରୁପ ସଦସ୍ୟା ଉପସ୍ଥିତ ଥିଲେ। ଅତିଥିମାନେ ଖାଦ୍ୟ ମେଳା ପରିଦର୍ଶନ କରି ପ୍ରଶଂସା କରିଥିଲେ। ନିତିଦିନିଆ ଖାଦ୍ୟରେ ପୁଷ୍ଟିଶସ୍ୟକୁ ସାମିଲ କରାଯିବା ପାଇଁ ସଚେତନତା ଉଦ୍ଦେଶ୍ୟରେ ମିଲେଟ ମିଶନ ତରଫରୁ ଏହି କାର୍ଯ୍ୟକ୍ରମ କରାଯାଇଥିଲା।

## ପୁଷ୍ ବରଷେ... ପୌଷ ମାସରେ ବାରମ୍ବାର ବର୍ଷା; ଚାଷୀ ହନ୍ତସନ୍ତ

ସୁନ୍ଦରଗଡ଼,୨୩।୧(ସମିସ)

କଥାରେ ଅଛି 'ପୁଷ୍ ବରଷେ ଚମାର ପୁଷେ, ମାଘ୍ ବରଷେ ଚଷାପିଲା ଖିଲ୍‌ଖିଲାତେଲ୍ ହଁସେ।' ଚଳିତବର୍ଷ ପୌଷ ମାସରେ ସୁନ୍ଦରଗଡ଼ ଜିଲ୍ଲାରେ ବାରମ୍ବାର ବର୍ଷା ଯୋଗୁଁ ଏପରି ପରିସ୍ଥିତି ସୃଷ୍ଟି ହୋଇଛି। ଜାନୁଆରୀରେ ଏଠାରେ ବାରମ୍ବାର ଅଦିନିଆ ବର୍ଷା ଲୋକଙ୍କ ଚିନ୍ତା ବଢ଼ାଉଛି। ଏହି ମାସରେ ଦିନ ଦିନ ଧରି ମେଘୁଆ ପାଗ ଲାଗିରହିଛି। ଜିଲ୍ଲାରେ ୧୯୨.୮ ମିମି ବର୍ଷା ହୋଇସାରିଛି। ହେମଗିର ବ୍ଲକରେ ୨ ମି.ମି, ଲେଫ୍ରିପଡ଼ା ବ୍ଲକରେ ୧୧.୨ ମି.ମି, ଟାଙ୍ଗରପାଲିରେ ୧୨.୪ ମି.ମି, ସୁନ୍ଦରଗଡ଼ ବ୍ଲକରେ ୯.୯ ମି.ମି, ସବଡେଗାରେ ୯ ମି.ମି, ବାଲିଶଙ୍କରାରେ ୫.୨ ମି.ମି, ବଡ଼ଗାଁରେ ୧.୬ ମି.ମି, କୁତ୍ରାରେ ୧୦.୪ ମି.ମି, ରାଜଗାଙ୍ଗପୁରରେ ୧୧.୨ ମି.ମି, କୁଆଁରମୁଣ୍ଡାରେ ୧୬.୪ ମି.ମି, ନୂଆଗାଁରେ ୨୨.୨ ମି.ମି, ବିଶ୍ରାରେ ୨୫.୬ ମି.ମି, ଲାଠିକଟାରେ ୮.୨ ମି.ମି, ବଣାଇଁରେ ୧୦ ମି.ମି, ଲହୁଣୀପଡ଼ାରେ ୧୦.୨ ମି.ମି, ଗୁରୁଣ୍ଡିଆରେ ୯.୪ ମି.ମି, କୋଇଡ଼ା ବ୍ଲକରେ ୮ ମି.ମି ଓ ରାଉରକେଲା ପୌରାଞ୍ଚଳରେ ୧୦ ମିମି ବର୍ଷା ରେକର୍ଡ ହୋଇଛି। ବର୍ଷା ଓ କୋହଲା ପାଗ ଯୋଗୁଁ ଶୀତ ପ୍ରକୋପ ଜାରି ରହିଛି। ଲୋକେ ଅସ୍ତବ୍ୟସ୍ତ ହୋଇ ପଡୁଛନ୍ତି। ବୃଦ୍ଧବୃଦ୍ଧା ତଥା ବୟସ୍କ ଗୋରୁଙ୍କ ପାଇଁ ଏହି ପାଗ କାଳ ସାଜିଛି। ଅଦିନିଆ ବର୍ଷା ଯୋଗୁଁ ଚାଷୀଙ୍କ ପ୍ରଭୁତ କ୍ଷତି ଘଟୁଛି। ଚାଷୀ ପୌଷ ପୂର୍ଣ୍ଣିମା ସୁଦ୍ଧା ସମସ୍ତ ଖରିଫ ଧାନ ଅମଳ କରି ଖୁସି ମନରେ 'ପୁଷ୍‌ପୁନି' ଉତ୍ସବ ପାଳନ କରିଥାନ୍ତି। ଉତ୍ପାଦିତ ଧାନରୁ କିଛି କିଛି ଛେରଛେରା ଆକାରରେ ଏହି ଦିନ ବଣ୍ଟନ କରନ୍ତି। ପୌଷ ପୂର୍ଣ୍ଣିମା ଏ ଯାଏ ଆସି ନ ଥିବାରୁ ଚାଷୀ ସ୍ୱାଭାବିକ ଭାବେ ସମସ୍ତ ଧାନ ଅମଳ କରିପାରି ନାହାଁନ୍ତି। ଅନେକ ଧାନ ଖଳାରେ ପଡ଼ି ରହିଛି। ଅପରପକ୍ଷରେ ସମ୍ପ୍ରତି ମଣ୍ଡିରେ ଧାନ ସଂଗ୍ରହ ଚାଲି ନ ଥିବାରୁ ଏପରି ବାରମ୍ବାର ବର୍ଷା ଯୋଗୁଁ ଘୋର ବାଧା ସୃଷ୍ଟି ହେଉଛି। ଜିଲ୍ଲାର ସମସ୍ତ ଧାନମଣ୍ଡିରେ ଗୋଦାମ ଗୃହ ହୋଇପାରି ନାହିଁ। ଅସ୍ଥାୟୀ ଛାଉଣି ବ୍ୟବସ୍ଥା ମଧ୍ୟ କରାଯାଉନି। ଫଳରେ ବର୍ଷା ଆସିଲେ ମଣ୍ଡିଗୁଡ଼ିକ ପ୍ରାୟତଃ ବନ୍ଦ ରହୁଛି। ବର୍ଷାଦିନିଆ ମାଟି ଶୁଖି ନ ଥିବାରୁ ପୁଣି ବର୍ଷା ଯୋଗୁଁ ଜମି ଚଷିବାରେ ବିଳମ୍ବ ହେବ। ମାଘ ମାସ ସୁଦ୍ଧା ମାଟି ଶୁଖି ଯାଉଥିବାରୁ ଏହି ମାସରେ ବର୍ଷା ହେଲେ ଜମି ଚଷିବାରେ ଚାଷୀଙ୍କୁ ବେଶ ସହାୟକ ହୋଇଥାଏ। ଏତଦ୍‌ବ୍ୟତୀତ ବାରମ୍ବାର ବର୍ଷା ଯୋଗୁଁ ମାଟି ରାସ୍ତା କାଦୁଅ ହେଉଛି। ଫଳରେ ଗମନାଗମନରେ ବାଧା ସୃଷ୍ଟି ହେଉଛି।

## ● ହେମଗିରିରେ ରାମରଥ ଶୋଭାଯାତ୍ରା
## ରାମଲାଲାଙ୍କ ପ୍ରାଣପ୍ରତିଷ୍ଠା ଉତ୍ସବରେ ଅଞ୍ଚଳବାସୀ ବିଭୋର



**ହେମଗିରି,୨୩।୧(ସମିସ):** ଅଯୋଧ୍ୟାରେ ରାମମନ୍ଦିର ଓ ଶ୍ରୀରାମଚନ୍ଦ୍ରଙ୍କ ପ୍ରାଣ ପ୍ରତିଷ୍ଠା ପାଇଁ ସୋମବାର ସାରା ଦେଶ ଉତ୍ସବମୁଖର ହୋଇଉଠିଥିଲା। ଏହି କ୍ରମରେ ହେମଗିରି ବ୍ଲକ୍‌ର ସମସ୍ତ ଗ୍ରାମର ଘରେ ଘରେ ଲୋକେ ଦୀପ ଜାଳି ଦୀପାବଳି ପାଳିଛନ୍ତି। ମନ୍ଦିରଗୁଡ଼ିକରେ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ହେମଗିରି ଗ୍ରାମ ହନୁମାନ ମନ୍ଦିରଠାରୁ ଏକ ରଥରେ ରାମ, ସୀତା ଓ ଲକ୍ଷ୍ମଣଙ୍କ ସହ ହନୁମାନଙ୍କୁ ବିରାଜିତ କରାଯାଇ ସଂକୀର୍ତ୍ତନର ତାଳେ ତାଳେ ଶୋଭାଯାତ୍ରା ବାହାରି ଆର୍‌ଆର୍ କଲୋନୀସ୍ଥିତ ରାମ ମନ୍ଦିର ପର୍ଯ୍ୟନ୍ତ ଯାଇଥିଲା। ଏଥିରେ ସହସ୍ରାଧିକ ଭକ୍ତ ସାମିଲ ହୋଇଥିଲେ। ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। ବଜରଙ୍ଗ ଦଳ, ବିଜେପି କର୍ମୀ ଏବଂ ଗ୍ରାମବାସୀ ଏହି କାର୍ଯ୍ୟକ୍ରମ ଆୟୋଜନ କରିଥିଲେ।

## ଟାଙ୍ଗରପାଲି ବ୍ଲକ ପରିସରରେ ଅଭିଯୋଗ ଶୁଣାଣି

**ସୁନ୍ଦରଗଡ଼,୨୩।୧(ସମିସ):** ଜିଲ୍ଲା ପ୍ରଶାସନ ପକ୍ଷରୁ ସୋମବାର ଅପରାହ୍ନରେ ଟାଙ୍ଗରପାଲି ବ୍ଲକ କାର୍ଯ୍ୟାଳୟ ପରିସରରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଛି। ଏଥିରେ ଜିଲ୍ଲାପାଳ ଡା. ପରାଗ ହର୍ଷଦ ଗଭାଲି ଏବଂ ଏସ୍‌ପି ପ୍ରତ୍ୟୁଷ ଦିବାକର ଉପସ୍ଥିତ ରହି ଅଭିଯୋଗଗୁଡ଼ିକର ଶୁଣାଣି କରିଥିଲେ। ଏଥିରେ ମୋଟ ୨୭ଟି ଅଭିଯୋଗ ଆସିଥିଲା। ସେଥିମଧ୍ୟରୁ ୧୦ଟି ବ୍ୟକ୍ତିଗତ ଓ ୧୭ଟି ସାମୂହିକ ଅଭିଯୋଗ ରହିଥିଲା। ୫ ଅଭିଯୋଗର ତତ୍‌କ୍ଷଣାତ ସମାଧାନ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ୪ ଜଣଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଅଭିଯୋଗଗୁଡ଼ିକ ମଧ୍ୟରେ ମୁଖ୍ୟତଃ ପାନୀୟ ଜଳ ଯୋଗାଣ, ରାସ୍ତାଘାଟ ମରାମତି, ଭତ୍ତା, ରାସନ୍ କାର୍ଡ, ବିଦ୍ୟୁତ ସମସ୍ୟା ଆଦି ରହିଥିଲା। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ମନୋଜ ମହାଜନ, ଆଇଏଏସ ଶିକ୍ଷାନବିସ ପ୍ରହଲ୍ଲାଦ ଶର୍ମା, ଜିଲ୍ଲା ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ପଧାନ, ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ଧୀରେନ୍ଦ୍ର ସେଠୀ, ଟାଙ୍ଗରପାଲି ବିଡିଓ ଶିବପ୍ରସାଦ ମୁର୍ମୁଙ୍କ ସମେତ ସମସ୍ତ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

### ● ଭଷ୍ମା-ବଡ଼ବଙ୍ଗା ରାସ୍ତା

# ବନ୍ଦ ପରିବର୍ତ୍ତେ ବଢୁଛି କୋଇଲା ବୋଝେଇ ଗାଡ଼ି ଚଳାଚଳ

ସୁନ୍ଦରଗଡ଼,୨୩।୧(ସମିସ)

ଭଷ୍ମା-ବଡ଼ବଙ୍ଗା ରାସ୍ତାରେ ଭାରୀଯାନ ଚଳାଚଳ ବନ୍ଦ କରିବା ପାଇଁ ଲୋକେ ବାରମ୍ବାର ଆନ୍ଦୋଳନକୁ ଓହ୍ଲାଇଥିଲେ ହେଁ ଏହା ବନ୍ଦ ହେବା ପରିବର୍ତ୍ତେ ଅଧିକ ସଂଖ୍ୟକ କୋଇଲା ବୋଝେଇ ଭାରୀଯାନ ଚଳାଚଳ କରୁଥିବା ଅଭିଯୋଗ ହେଉଛି। ଭଷ୍ମା-ଅବନକେଲା ଇବ୍ ସେତୁ ନିର୍ମାଣ ହେବା ପରେ ବଡ଼ବଙ୍ଗାରୁ ରାଜ୍ୟ ରାଜପଥ-୧୦ର ଭଷ୍ମାରେ ଏହା ସିଧାସଳଖ ସଂଯୋଗ କରୁଛି। ଏଣୁ ଉକ୍ତ ରାସ୍ତାର ଗୁରୁତ୍ୱକୁ ଉପଲବ୍ଧି କରି ପୂର୍ତ୍ତ ବିଭାଗ ପକ୍ଷରୁ ରାସ୍ତାର ଉନ୍ନତୀକରଣ ଦିଗରେ ପଦକ୍ଷେପ ନିଆଯାଉଥିଲେ ହେଁ ଏହି ରାସ୍ତା ସମ୍ପୂର୍ଣ୍ଣ ବିକଶିତ ହୋଇପାରି ନାହିଁ। ଜମି ବିବାଦ କାରଣରୁ ରେମଣ୍ଡା ଗ୍ରାମର ୨ ସ୍ଥାନରେ ଅଦ୍ୟାବଧି ପିଚୁ ରାସ୍ତା ହୋଇନି। ବିଭିନ୍ନ ସ୍ଥାନରେ ରାସ୍ତା ଅଣଅସାରିଆ ରହିଛି। ତଥାପି ଉକ୍ତ ରାସ୍ତାରେ କୋଇଲା ଏବଂ ଫ୍ଲାଇଆସ ବୋଝେଇ ଭାରୀଯାନ ଚଳାଚଳ କରୁଥିବାରୁ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡୁଥିବା ବେଳେ ଦୁର୍ଘଟଣା ବୃଦ୍ଧି ପାଇ ଧନଜୀବନ ହାନି ମଧ୍ୟ ଘଟୁଛି। ଏହାର ପ୍ରତିବାଦରେ ଅତୀତରେ ଅଞ୍ଚଳବାସୀ ଏକାଧିକ ବାର



ଆନ୍ଦୋଳନକୁ ଓହ୍ଲାଇଥିବା ବେଳେ ଏହାର ସମାଧାନ ପାଇଁ ପ୍ରଶାସନ ପକ୍ଷରୁ ବାରମ୍ବାର ବୈଠକ ହୋଇଛି। ମାତ୍ର ଏପରି ଆନ୍ଦୋଳନ ଏବଂ ବୈଠକ ପରେ ବି ଏହି ରାସ୍ତାରେ ଭାରୀଯାନ ଚଳାଚଳ ବନ୍ଦ ହେଉନାହିଁ। ସମ୍ପ୍ରତି କୋଇଲା ପରିବହନ ଭାରୀଯାନ ଚଳାଚଳ ମାତ୍ରାଧିକ ଭାବେ ବୃଦ୍ଧି ପାଇବାରେ ଲାଗିଛି। କୋଲ କରିଡର ରାସ୍ତା ନିର୍ମାଣ ସମ୍ପୂର୍ଣ୍ଣ ହୋଇ ନ ଥିବାରୁ ଏମସିଏଲରୁ ଝାରସୁଗୁଡ଼ା ପଟେ କୋଇଲା ନେଇ ଯାଉଥିବା ଗାଡ଼ିଗୁଡ଼ିକ ଏହି ନିର୍ମାଣାଧୀନ ରାସ୍ତାରେ ବଡ଼ବଙ୍ଗା ପାଖ ଯାଏ ଆସି ଭଷ୍ମା-ବଡ଼ବଙ୍ଗା ରାସ୍ତାରେ ଝାରସୁଗୁଡ଼ା ପଟେ ଯାଉଛନ୍ତି। ଏମସିଏଲ-ସୁନ୍ଦରଗଡ଼ ରାସ୍ତାରେ ଗଲେ ଅଧିକ ରାସ୍ତା ପଡୁଥିବା ଏବଂ ମସ୍କିକାନୀଠାରେ ଟୋଲ ପ୍ଲାଜା ଥିବାରୁ ଖର୍ଚ୍ଚ ବଞ୍ଚାଇବା ପାଇଁ ଗାଡ଼ିଗୁଡ଼ିକ ଏହି ରାସ୍ତାରେ ଯିବାଆସିବା କରୁଛନ୍ତି। ଫଳରେ ରାଜସ୍ୱହାନି ଘଟିବାରେ ଲାଗିଛି। ମସ୍କିକାନୀ ଟୋଲ ପ୍ଲାଜାରେ ଟିକସ ଏଡ଼ାଇବା ପାଇଁ ଲୋକେ ବହୁ ଚାରିଚକିଆ ଯାନରେ ରାଜ୍ୟ ରାଜପଥ-୧୦ର ପୋଢ଼ବାହାଲରୁ ଲଙ୍କାହୁଡ଼ା ଆଭ୍ୟନ୍ତରୀଣ ରାସ୍ତା ଦେଇ କିରେଇରେ ୧୦ ନମ୍ବର ରାଜ୍ୟ ରାଜପଥରେ ବାହାରୁଥିବାରୁ ଟୋଲ ପ୍ଲାଜା ପକ୍ଷରୁ ଏହି ରାସ୍ତାର ପୋଢ଼ବାହାଲ ନିକଟରେ ଚେକ ଗେଟ୍ ଲଗାଯାଇଛି। ଏହା ପରେ ଗାଡ଼ି ଟିକସ ଫାଙ୍କିବାରେ ରୋକ ଲାଗିଛି। ମାତ୍ର ଭଷ୍ମା-ବଡ଼ବଙ୍ଗା ରାସ୍ତାରେ ଭାରୀଯାନ ଚାଳଚଳରେ କଟକଣା ଲଗାଯାଉ ନ ଥିବାରୁ ବ୍ୟାପକ ରାଜସ୍ୱହାନି ଘଟି ଚାଲିଛି। ଅପରପକ୍ଷରେ, କ୍ଷମତାଠାରୁ ଅଧିକ ଓଜନ ବିଶିଷ୍ଟ ଭାରୀଯାନ ଚଳାଚଳ ଯୋଗୁଁ ରାସ୍ତା ବିପର୍ଯ୍ୟସ୍ତ ହୋଇ ପଡୁଛି। ଏହି ରାସ୍ତାର ବଡ଼ବଙ୍ଗା, ମୁଣ୍ଡାଗାଁ, ସର୍ଦ୍ଧାପାଲି, ଯୋଗିମାଲ, ଗୁଲଠା, ରେମଣ୍ଡା, ଭଷ୍ମା ଆଦି ଗ୍ରାମରେ ରାସ୍ତାର ଉଭୟ ପାର୍ଶ୍ୱରେ ଜନବସତି, ଦୋକାନ ବଜାର, ବିଭିନ୍ନ ଅନୁଷ୍ଠାନ ଥିବାରୁ ଜନଜୀବନ ଅସୁରକ୍ଷିତ ହୋଇପଡ଼ିଛି। ଉକ୍ତ ରାସ୍ତାରେ ଭାରୀଯାନ ଚଳାଚଳ ବନ୍ଦ କରିବା ଦିଗରେ ପ୍ରଶାସନ ପଦକ୍ଷେପ ଗ୍ରହଣ କରିବାକୁ ବିଭିନ୍ନ ମହଲରେ ଦାବି ହେଉଛି।

● ବ୍ୟାପକ ରାଜସ୍ୱହାନି
● ଦୁର୍ଦ୍ଦଶାରେ ଲୋକେ

୧୮ ସୋସାଇଟିରୁ ୭୯ରେ ଚାଲିଛି ଧାନକିଣା

# ଖୋଲିଲାନି ୩୯ ମଣ୍ଡି; ଲାଭ ଉଠାଉଛନ୍ତି ଦଲାଲ୍

କେନ୍ଦ୍ରାପଡ଼ା, ୨୩।୧(ସମିସ): ଚଳିତଥର ଧାନ ସଂଗ୍ରହ ପାଇଁ କେନ୍ଦ୍ରାପଡ଼ାରେ ୪୦୯୦୯ ଚାଷୀ ପଞ୍ଜିକୃତ ହୋଇଛନ୍ତି ।ଜିଲ୍ଲାର ୧୧୮ ସୋସାଇଟି ମାଧ୍ୟମରେ ଧାନ କିଣା ଆରମ୍ଭ ହେବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ହେଲେ ଏପର୍ଯ୍ୟନ୍ତ ୧୧୮ ମଣ୍ଡିରୁ ମାତ୍ର ୭୯ଟି ଖୋଲାହୋଇଛି ।ଆସନ୍ତା ମାର୍ଚ୍ଚ ୩୧ ଧାନକିଣାର ଶେଷ ଦିବସ ରହିଥିବାବେଳେ ୯ ଲକ୍ଷ ୯୮ ହଜାର କ୍ୟୁଣ୍ଟାଲ ଟାର୍ଗେଟ ରହିଛି ।ହେଲେ ଏପର୍ଯ୍ୟନ୍ତ ଜିଲ୍ଲାରୁ ୮୦ ହଜାର ୩୧୮ କ୍ୟୁଣ୍ଟାଲ ଧାନ କିଣା ହୋଇଛି ।୩୯ଟି ମଣ୍ଡି ଏପର୍ଯ୍ୟନ୍ତ ଖୋଲିପାରିନି । ଫଳରେ ଧାନ ବିକ୍ରୀ କରିବାକୁ ଚାଷୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଅନ୍ୟପଟେ କେତୋଟି ମଣ୍ଡିରେ ଚାଷୀ ରୂପରେ ବେପାରୀ ଧାନ ବିକୁଛନ୍ତି । ଫଳରେ ପ୍ରକୃତ ଚାଷୀ ବଳିପଡୁଛନ୍ତି । ପୁଳା ପୁଳା ବେପାରୀ ଚାଷୀଙ୍କ ନାମରେ ପଞ୍ଜିକରଣ କରାଯାଇ ବେପାରୀ ଧାନ ବିକୁଥିବା ଦେଖିବାକୁ ମିଳୁଛି । ବିଗତ ବର୍ଷଗୁଡ଼ିକରେଏହି ଦୁର୍ନୀତି କରିଥିବା ଅଭିଯୋଗରେ ଅନେକଙ୍କୁ ନିଲମ୍ବନ କରାଯାଇଥିଲା । କେନ୍ଦ୍ରାପଡ଼ାରେ ସର୍ବାଧିକ ଧାନ କିଣାରେ ଦୁର୍ନୀତି ହେଉଥିବା ଅଭିଯୋଗ ହେଉଛି । ତେବେ ପ୍ରକୃତ ଚାଷୀଙ୍କ ଧାନ ବଦଳରେ ବ୍ୟବସାୟୀଙ୍କ ଧାନ କିଣାଯାଉଥିବା ଅଭିଯୋଗ ହୋଇଆସୁଛି ।ମଣ୍ଡି ଆଗରେ ଧାନ ରଖି ଚାଷୀ ଆଖିରୁ ନିଦ ହଜୁଛି । ସେପଟେ ଯୋଗାଣ ବିଭାଗ ନିଜ ଦୁର୍ବଳତାକୁ ଲୁଚାଇବାକୁ ଯାଇ ଅଧିକ ଧାନ କିଣାଯିବାର ବ୍ୟବସ୍ଥା ହୋଇଛି ବୋଲି ବାହାସ୍ଫୋଟ ମାରୁଛି । ଯଦି ଯୋଗାଣ ବିଭାଗ ଅଧିକ ଧାନ କିଣିବାର ବ୍ୟବସ୍ଥା କରିଛି ତେବେ କେନ୍ଦ୍ରାପଡ଼ାରେ ହଜାର ହଜାର ସଂଖ୍ୟକ ଚାଷୀ ଧାନ ବିକ୍ରି କରିବାରୁ କାହିଁକି ପ୍ରତି ବର୍ଷ ବଞ୍ଚିତ ହେଉଛନ୍ତି ବୋଲି ସାଧାରଣରେ ପ୍ରଶ୍ନ ଉଠିଛି । ତେବେ ଧାନ ଅମଳ ଆରମ୍ଭରୁ ଚାଷୀଙ୍କୁ ଲୁଟ କରାଯାଉଛି । ଏମିତିକି ସୋସାଇଟି ସମ୍ପାଦକଠାରୁ ଆରମ୍ଭ କରି ଅନେକ ସରକାରୀ କର୍ମଚାରୀ ଏହି ଦୁର୍ନୀତିରେ ସାମିଲ ରହି ଚାଷୀଙ୍କୁ ଲୁଟ କରୁଥିବା ଅଭିଯୋଗ ହୋଇଛି । ଧାନ ବିକ୍ରି କରି ନପାରି କେତେକ ଚାଷୀ ଅଦରଦରରେ ବେପାରୀଙ୍କୁ ଡାକି ବିଲ ମୁଣ୍ଡରୁ ଦେଇଦେଉଛନ୍ତି । ଚଳିତ ବର୍ଷ କୃଷକମାନେ ପ୍ରାୟ ୩୦ ଲକ୍ଷ କ୍ୟୁଣ୍ଟାଲ ଧାନ ଅମଳ କରିଥିବା ଜାଣିବାକୁ ମିଳିଛି । ଚାଷୀର ଧାନ ମଣ୍ଡି କିଣିବା ଆଶାରେ ମାସ ମାସ ପକାଇ ରଖି ଶେଷରେ ବେପାରୀଙ୍କୁ ଦେବାକୁ ବାଧ ହେଉଛନ୍ତି ।ହେଲେ ଜିଲ୍ଲାରେ ଚାଷୀ ପଞ୍ଜିକରଣ ତୁଳନାରେ ଆହୁରି ୨୦ ଲକ୍ଷ କ୍ୟୁଣ୍ଟାଲ ଟାର୍ଗେଟର ଆବଶ୍ୟକତା ରହିଛି । ହେଲେ ଯୋଗାଣ ବିଭାଗ ଏହି ଟାର୍ଗେଟ ପୂରଣ କରିପାରିବ ନାହିଁ ବୋଲି ମତ ପ୍ରକାଶ ପାଇଛି । ସେପଟେ ଧାନ କିଣିବାକୁ ଜିଲ୍ଲାର ଅନେକ ସମବାୟ ସମ୍ପାଦକମାନେ ଚାଷୀଙ୍କ ଟୋକନରେ ବେପାରୀ ଧାନ ବିକ୍ରି କରି କ୍ୟୁଣ୍ଟାଲପିଛା ୩ ଶହ ଟଙ୍କା ଖର୍ଚ୍ଚ ଦେଇ ସବୁ ଟଙ୍କା ଉଠାଇ ନେଉଛନ୍ତି ବୋଲି ଅଭିଯୋଗ ହେଉଛି । ବେପାରୀ ଆଉ ସମ୍ପାଦକଙ୍କ ସଲା ସୁତୁରାରେ ଧାନ କିଣାରେ କେନ୍ଦ୍ରାପଡ଼ାରେ ଅଧିକ ଦୁର୍ନୀତି ହେବାକୁ ବସିଛି । ଏହି ଦୁର୍ନୀତିର ଚେର ଏତେ ଲମ୍ବା ଯେ ଅନେକ କ୍ଷମତାଧାରୀ ଲୋକଙ୍କ ଛାତ୍ରଛାୟାରେ ଅଧିକାଂଶ ସମ୍ପାଦକ ଧାନ କିଣାରେ ଦୁର୍ନୀତି କରି କୋଟି କୋଟି ଟଙ୍କା ଘୋଟଲା କରିଆସୁଛନ୍ତି ।ଘୋଟଲା କରିବାକୁ ଚାଷୀଙ୍କ ଠାରୁ ପୂର୍ବରୁ ଚେକବୁକ ଦସ୍ତଖତ କରାଇ ନେଇଯାଇଥାନ୍ତି ।ସେହି ଚେକ ବୁକ ମାଧ୍ୟମରେ ଟଙ୍କା ଉଠାଇ ନେଇଯାନ୍ତି । ଚାଷୀଙ୍କ ଆକାଉଣ୍ଟକୁ ଟଙ୍କା ଯାଉଛି ଆଉ ଚେକ ମାଧ୍ୟମରେ ଉଠିଯାଉଛି । ଅନ୍ୟପଟେ ସମବାୟ ସମିତି ସମ୍ପାଦକମାନଙ୍କ ପ୍ରିୟାପ୍ରୀତି କରି ନିଜ ଲୋକମାନଙ୍କର ଧାନ ପ୍ରଥମେ ଉଠାଇ ଦେଉଛନ୍ତି ।ଯେଉଁ ଚାଷୀ ବିକ୍ରୀ କରୁଛି ସେଥିରୁ ଅଧିକାଂଶ ବେପାରୀ ବୋଲି ଜାଣିବାକୁ ମିଳୁଛି ।ବେପାରୀମାନେ ଚାଷୀଙ୍କଠାରୁ ୧୫ ଶହରୁ ୧୬ ଶହ ଟଙ୍କାରେ ଧାନ କିଣି ଟୋକନ ମାଧ୍ୟମରେ ସରକାରଙ୍କୁ ଅଧିକ ଦାମରେ ଧାନ ବିକ୍ରି କରୁଛନ୍ତି ।ଏଥିରେ ସମ୍ପାଦକମାନେ ମୋଟା ଅଙ୍କର ହାତ ଗୁଞ୍ଜା ନେଇ ଏହିଭଳି କାର୍ଯ୍ୟ କରୁଥିବା ଦେଖିବାକୁ ମିଳିଛ । ଏହି ଦୁର୍ନୀତି ନେଇ ଅଭିଯୋଗ ହୋଇଆସୁଥିଲେ ମଧ୍ୟ ବିରୋଧରେ ଜିଲ୍ଲା ପ୍ରଶାସନ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନି ।ତାଛଡା ଜିଲ୍ଲାର ଯେଉଁ କୋଣକୁ ଅନାଇଲେ ସେହି କୋଣରେ ଧାନ କିଣାରେ ଦୁର୍ନୀତି ହେଉଛି । ତେବେ ଘଟଣାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହେଉଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି କେନ୍ଦ୍ରାପଡ଼ା ଜିଲ୍ଲାର ଲୋକମାନେ ମୁଖ୍ୟତଃ କୃଷି ଉପରେ ନିର୍ଭରଶୀଳ ।ତେବେ ୯ଟି ବ୍ଲକ ଦୁଇଟି ପୌରାଞ୍ଚଳକୁ ମିଶାଇ ପାଖାପାଖି ୧୫ ଲକ୍ଷ ଲୋକ ।ଯେଉଁଥିରୁ ୭୦ ଭାଗ ଲୋକ ଚାଷ କରନ୍ତି ।ଯଦି ସେମାନଙ୍କ ଧାନର ଉଚିତ ମୂଲ୍ୟ ନମିଳେ ତେବେ ଧୀରେ ଧୀରେ ଆଉ ଧାନ ଚାଷ କରିବେ ନାହିଁ ବୋଲି କେତେଜଣ ଚାଷୀ ରୋକଠୋକ କହିଛନ୍ତି ।

ଏନେଇ ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀନିବାସ ସାହୁ କହିଛନ୍ତି ଯେ ଏଥର କେତୋଟି ମଣ୍ଡି ଖୋଲିପାରିନି ।ସେସବୁକୁ ତୁରନ୍ତ ଖୋଲାଯିବାକୁ ନିର୍ଦ୍ଦେଶ ଦିଆଯାଇଛି । ଚାଷୀ ଯେପରି ଧାନ ବିକ୍ରୀରେ ହଇରାଣ ନହେବେ ସେନେଇ ସମସ୍ତ ପ୍ରକାରର ବ୍ୟବସ୍ଥା ଗ୍ରହଣ କରାଯାଇଛି । ତେବେ ଧାନ କିଣାରେ କାଣ୍ଟଛାଣ୍ଟ କାହିଁକି ହେଉଛି ବୋଲି ପଚାରିବାରୁ ଧାନ କଞ୍ଚା ଥିବା କିମ୍ବା ବାଲି, ଗୋଡ଼ି, ପଥର ରହିଥିଲେ କାଣ୍ଟଛାଣ୍ଟ ହେଉଥିବ ବୋଲି ସେ କହିଥିଲେ ।

## ଦୁଇ ଅସହାୟ ଶିଶୁଙ୍କର ହେଲା ବ୍ରତୋପୟନ



ଜଗତସିଂହପୁର, ୨୩।୧(ସମିସ ): ଜଗତସିଂହପୁର ଜିଲ୍ଲା ସଦର ମହକୁମାରେ ଥିବା ଶିଶୁ ଆଶ୍ରମ ପରିସରରେ ଆଜି ଅନ୍ତେବାସୀ ଦୁଇ ଅସହାୟ ଶିଶୁଙ୍କର ବ୍ରତୋପୟନ କାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି ।ଦୁଇଶିଶୁହେଲେସୂର୍ଯ୍ୟପ୍ରସାଦଆଚାର୍ଯ୍ୟଓସନ୍ତୋଷନନ୍ଦ ।ପରମ୍ପରାଅନୁସାରେ ଦୁଇଦିନବଦଳରେଆଜିଗୋଟିଏଦିନରେଚାରିକର୍ମଓବ୍ରତୋପୟନକାର୍ଯ୍ୟକରାଯାଇଥିଲା । ଶିଶୁ ଆଶ୍ରମ ପକ୍ଷରୁ ପ୍ରାୟ ୪୦୦ ଲୋକଙ୍କ ପାଇଁ ଖାଦ୍ୟପେୟର ବ୍ୟବସ୍ଥା ମଧ୍ୟ ହୋଇଥିଲା ।

ସୁଚନା ଅନୁସାରେ ସଦର ଥାନା କୋର୍ଡ଼ଳ, ମାଳିତୋଟା ଗାଁର ସାରଦା ଆଚାର୍ଯ୍ୟ ଓ ପିଙ୍କି ଆଚାର୍ଯ୍ୟଙ୍କ ପୁଅ ହେଉଛନ୍ତି ସୂର୍ଯ୍ୟପ୍ରସାଦ । ମା' ପିଙ୍କିଙ୍କ ମୃତ୍ୟୁ ପରେ ପରିବାର ଲୋକମାନଙ୍କୁ ଛାଡି ସୂର୍ଯ୍ୟପ୍ରସାଦ ଶିଶୁ ଆଶ୍ରମରେ ରହୁଥିଲେ । ସେହିପରି ସଦର ଥାନା ମଣ୍ଡାସାହି ଉରାଳି ଗାଁର କରଣ ନନ୍ଦ ଓ ସସ୍ମିତା ନନ୍ଦଙ୍କ ପୁଅ ସନ୍ତୋଷ ନନ୍ଦ ।କୌଣସି କାରଣରୁ ଉଭୟ ବାପା ମା'ଙ୍କର ମୃତ୍ୟୁ ପରେ ସନ୍ତୋଷ ଶିଶୁ ଆଶ୍ରମରେ ରହିଆସୁଥିଲେ । କାର୍ଯ୍ୟକ୍ରମରେ ଦୁଇ ଶିଶୁଙ୍କର ପିତା ଭାବରେ ପରୀକ୍ଷିତ ପାଢ଼ୀ ଓ ସୌମ୍ୟ ରଞ୍ଜନ ମିଶ୍ର ରହିଥିବା ବେଳେ ସେମାନଙ୍କର ପୁରା ପରିବାର ଓ ବନ୍ଧୁବାନ୍ଧବ ମଧ୍ୟ ଏହି ମାଙ୍ଗଳିକ କାର୍ଯ୍ୟରେ ସାମିଲ ହୋଇଥିଲେ । କାର୍ଯ୍ୟକ୍ରମରେ ଶିଶୁ ଆଶ୍ରମର ସଭାପତି ରାଜକିଶୋର ଖଟୁଆ, ସମ୍ପାଦକ ବିନାୟକ ପଟ୍ଟନାୟକ, କୋଷାଧକ୍ଷ ଦୋଳଗୋବିନ୍ଦ ଦାଶ, ଶିଶୁ ଆଶ୍ରମର ପରିଚାଳକ ଅଞ୍ଜନେୟ ଆଚାର୍ଯ୍ୟ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ କାହ୍ନୁ ଚରଣ ରାଉତ, ଉପସଭାପତି ବିବୁଧ ମହାନ୍ତି ପ୍ରମୁଖ କାର୍ଯ୍ୟ ପରିଚାଳନା କରିଥିଲେ ।

## ମୁଗକଣିରେ ମହିମା ମହୋତ୍ସବ

ରାଜନଗର, ୨୩।୧(ସମିସ): ରାଜନଗର ବ୍ଲକ ହାତିନା ପଞ୍ଚାୟତ ମୁଗକଣି ଗ୍ରାମ ମହିମା ମଠରେ ୬୨ତମ ମହିମା ମହୋତ୍ସବ ୨୨ ତାରିଖ ଠାରୁ ଆରମ୍ଭ ହୋଇଛି । ୨୨ ତାରିଖରୁ ଆରମ୍ଭ ହୋଇଥିବା ଏହି ମହିମା ମହୋତ୍ସବ ୨୫ ତାରିଖ ଯାଏଁ ଚାଲିବ। ୨୫ ତାରିଖ ପ୍ରାତଃ ବ୍ରାହ୍ମ ମୁହୂର୍ତ୍ତରେ ମହିମା ବାଲ୍ୟଲୀଳା ଅର୍ପଣ ପରେ ମହୋତ୍ସବ ସମାପନ ହେବ। ଏହି ମହୋତ୍ସବରେ ବ୍ରହ୍ମାବଧୂତ ନଟବର ବାବା, ବ୍ରହ୍ମାବଧୂତ ସୁବ୍ରତ ବାବା, ବ୍ରହ୍ମାବଧୂତ ଦୁଷ୍ମନ୍ତ ବାବା ପ୍ରମୁଖ ଯୋଗଦେଇ ପ୍ରତ୍ୟେକ ସଂଧ୍ୟାରେ ବ୍ରହ୍ମଜ୍ଞାନ, ଆତ୍ମିକ ତତ୍ତ୍ୱ, ଭକ୍ତିଯୋଗ, ଗୁରୁ ମହିମା, ବ୍ରହ୍ମପୁରୁଷ ମହିମା ଅଲେଖଙ୍କ କାଳଜୟୀ କଥାବସ୍ତୁକୁ ପ୍ରବଚନ ମାଧ୍ୟମରେ ଶୁଣାଉଛନ୍ତି ।



ସୂଚନାଯୋଗ୍ୟ ବ୍ରହ୍ମନିଷ୍ଠ ସିଦ୍ଧ ସାଧୂ ବାମନ ବାବା ଆଜକୁ ଶହେ ବର୍ଷ ତଳୁ ଅବିଭକ୍ତ କଟକ ଜିଲ୍ଲାର ବିଭିନ୍ନ ପ୍ରାନ୍ତରରେ ମହିମା ଧର୍ମ ପ୍ରଚାର କରିବା ସହିତ ଗାଁ ଗାଁରେ ଅଲେଖ ଟୁଙ୍ଗୀ ପ୍ରତିଷ୍ଠା କରି ମହିମା ବ୍ରହ୍ମଧୂନୀକୁ ପ୍ରଚାର ଓ ପ୍ରସାର କରି ଆସୁଛନ୍ତି। ମୁଗକଣି ଆଶ୍ରମରେ ୬୨ବର୍ଷ ହେବ ମହିମା ମୋହତ୍ସବ ଆୟୋଜିତ ହୋଇ ଆସୁଛି । ଏହି ମହୋତ୍ସବରେ ଅଖଣ୍ଡ ଜ୍ୟୋତି ପ୍ରଜ୍ୱଳନ, ଝାଡ ପ୍ରଜ୍ୱଳନ, ନାମ ଭଜନ ଏବଂ ଅହୋରାତ୍ର ଅଖଣ୍ଡ ବ୍ରହ୍ମ ଧ୍ୱନୀ ସ୍ଥାପନ କରାଯାଇଛି । କାର୍ଯ୍ୟକ୍ରମକୁ ଶିକ୍ଷାବିତ୍ ଅନାଦି ଚରଣ ଜେନା, ଦେବେନ୍ଦ୍ର କୁମାର ଜେନା, ନରହରି ଜେନାଙ୍କ ସମେତ ଗ୍ରାମବାସୀମାନେ ପରିଚାଳନା କରୁଛନ୍ତି ।

## ଚାନ୍ଦୋଳ କଲେଜର 'ନୂଆ-ଓ' ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଉଦ୍‌ଯାପିତ

ଡେରାବିଶ, ୨୩।୧(ସମିସ): ଡେରାବିଶ ବ୍ଲକ ଅନ୍ତର୍ଗତ ଚାନ୍ଦୋଳସ୍ଥିତ ହୃଦୟାନନ୍ଦ ନାୟକ ସ୍ମାରକୀ ମହାବିଦ୍ୟାଳୟର ସଭାକକ୍ଷରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଡଃ ଲକ୍ଷ୍ମଣ କୁମାର ଦାଶଙ୍କ ସଭାପତିତ୍ୱରେ ସରକାରଙ୍କ 'ନୂଆ-ଓ' ଯୋଜନାର ବିଭିନ୍ନ ପ୍ରତିଯୋଗିତାର ଉଦ୍‌ଯାପନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଭାପତି ବିଶିଷ୍ଟ ଗାଳ୍ପିକ ଡଃ ରାମଚନ୍ଦ୍ର ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇ ଉତ୍ସବଟିକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବରେ ବିଶିଷ୍ଟ ସାହିତ୍ୟିକ ପ୍ରଫେସର ନିରୋଦ କୁମାର ଦାସ ଓ ସମ୍ମାନିତ ଅତିଥିଭାବରେ ସଞ୍ଜୟ କୁମାର ନାୟକ ଯୋଗ ଦେଇଥିଲେ। ଅଧ୍ୟାପକ ବିଶ୍ୱରଞ୍ଜନ ମିଶ୍ର ବେଦପାଠ କରିଥିଲେ । କାର୍ଯ୍ୟକ୍ରମର ମୁଖ୍ୟ ଅଧିକାରୀ ଅଧ୍ୟାପକ ଶଶିଭୂଷଣ ଜେନା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । 'ନୂଆ-ଓ' ଯୋଜନାରେ ପୂର୍ବରୁ ଭାଷା ସାହିତ୍ୟ ଓ କ୍ରୀଡ଼ା, ସାମାଜିକ, ସାଂସ୍କୃତିକ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନଙ୍କୁ ନେଇ ଆୟୋଜିତ ହୋଇଯାଇଥିବା ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀମାନଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଅଧ୍ୟାପିକା ମନୀଷା ମହାରଣା, ମନୀଷା ଦାସ, ଝରାଶ୍ରୀ ପରିଜା, ସୁକନ୍ୟା ମହାନ୍ତି, ମେନକା ପଣ୍ଡା, ଅଧ୍ୟାପକ ବରଦା ପ୍ରସାଦ ଜେନା, ବେଦପ୍ରକାଶ ନାୟକ ପ୍ରମୁଖ ପରିଚାଳନା କରିଥିଲେ । ଶେଷରେ ପ୍ରାଧ୍ୟାପିକା ମିନାକ୍ଷୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ସେହିପରି ଶୁକ୍ରବାରଦିନ ମହାବିଦ୍ୟାଳୟ ସଭାକକ୍ଷରେ ଅନୁଷ୍ଠିତ ଆଲୋଚନାଚକ୍ରକୁ କେନ୍ଦ୍ରାପଡ଼ା ସ୍ୱୟଂ ଶାସିତ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ନନ୍ଦ କିଶୋର ପରିଡ଼ା ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ବିଷୟ ବିଶାରଦ ଭାବେ ପୁରୀସ୍ଥିତ ସଦାଶିବ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ପ୍ରଫେସର ସ୍ୱାଗତିକା ମହାନ୍ତି ଓ ତିର୍ତ୍ତୋଲସ୍ଥିତ ଆଦିକବି ଶାରଳା



ଦାସ ମହାବିଦ୍ୟାଳୟର ପ୍ରଫେସର ଡଃ ଅଶୋକ କୁମାର ରାଉତ ଯୋଗ ଦେଇଥିଲେ। ଏହି ସଭାରେ ଅଧ୍ୟକ୍ଷ ଡଃ ଦାଶ ସଭାପତିତ୍ୱ କରିଥିବା ବେଳେ କାର୍ଯ୍ୟକ୍ରମର ମୁଖ୍ୟ ଅଧିକାରୀ ଅଧ୍ୟାପକ ଶଶିଭୂଷଣ ଜେନା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ।

● ଆଳିରେ କଳା ପଲ୍‌ସର ଆତଙ୍କ

## ମହିଳାଙ୍କଠାରୁ ଝାମ୍ପିନେଲେ ୫୦ ହଜାର ଟଙ୍କା

ଆଳି, ୨୩।୧(ସମିସ): ଆଳି ଥାନା ନିକଟରୁ ମାତ୍ର ୧୦୦ ମିଟର ଦୂରରେ ଜଣେ ମହିଳାଙ୍କ ନିକଟରୁ ଦୁଇ ଦୁର୍ବୃତ୍ତ କଳା ପଲସରରେ ଆସି ୫୦ହଜାର ଟଙ୍କା ଝାମ୍ପି ନେଇଛନ୍ତି । ସୂଚନା ମୁତାବକ ସୋମବାର ଦିନ ପ୍ରାୟ ୧୨ଟା ସମୟରେ ଥାନା ଅନ୍ତର୍ଗତ ଖରଖାଇ ଗଳିର ରଶ୍ମିତା ରାୟ ଆଳି ଷ୍ଟେଟ ବ୍ୟାଙ୍କରୁ ୫୦ ହଜାର ଟଙ୍କା ଉଠାଇ ଘରକୁ ଚାଲିଚାଲି ଯାଉଥିଲେ । ଆଳି ଥାନା ଠାରୁ ୧୦୦ ମିଟର ଦୂରରେ ଥିବା ବେହେରା ଗଳି ନିକଟରେ ଏକ କଳା ରଙ୍ଗର ପଲସର ବାଇକରେ ଦୁଇ ଯୁବକ ଆସି ମହିଳାଙ୍କ ତାଙ୍କ ଟଙ୍କା ବ୍ୟାଗ ଝାମ୍ପି ନେଇଥିଲେ । ମହିଳା ଚିତ୍କାର କରିବାରୁ ସ୍ଥାନୀୟ ଲୋକ ଯୁବକଙ୍କୁ ପିଛା କରିଥିଲେ ମଧ୍ୟ ସେମାନେ ଆଖି ପିଛୁଳାକେ ଫେରାର ହୋଇ ଯାଇଥିଲେ । ଏ ନେଇ ରଶ୍ମିତା ଆଳି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ପୁଲିସ ତଦନ୍ତ ଆରମ୍ଭ କରିଥିବା ଆଳି ଥାନା ଅଧିକାରୀ ସବ୍ୟସାଚୀ ଶତପଥି କହିଛନ୍ତି ।

● ବଦଳିଲେ କେନ୍ଦ୍ରାପଡ଼ା ଜିଲ୍ଲାପାଳ ଅମ୍ରିତ

## ନୂତନ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ

କେନ୍ଦ୍ରାପଡ଼ା, ୨୩।୧(ସମିସ): କେନ୍ଦ୍ରାପଡ଼ା ଜିଲ୍ଲାପାଳ ଅମ୍ରିତ ଋତୁରାଜଙ୍କର ସୋମବାର ବଦଳି ହୋଇଛି । ଗତ ୩ ବର୍ଷ ଧରି ଏଠାରେ କାର୍ଯ୍ୟ କରୁଥିବା ଅମ୍ରିତଙ୍କୁ ରାଜ୍ୟ ଶ୍ରମ ବିଭାଗ କମିଶନର ଦାୟିତ୍ୱ ମିଳିଛି । ସେହିଭଳି ନୂତନ ଜିଲ୍ଲାପାଳ ଭାବେ ବିଏମ୍‌ସିର ଅତିରିକ୍ତ କମିଶନର ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କୁ ନିଯୁକ୍ତି ମିଳିଛି । କେନ୍ଦ୍ରାପଡ଼ା ଜିଲ୍ଲାର ଅନେକ ବିକାଶ ହୋଇଥିବାବେଳେ କେତେକ କାର୍ଯ୍ୟ ଅଧୁରା ରହିଛି ଓ କେତେକ ପ୍ରକଳ୍ପ ଅଧା ରହିଥିବାବେଳେ ଆହୁରି ଅନେକ ପ୍ରକଳ୍ପର ଶୁଭ ଶିଳାନ୍ୟାସ ଦିଆଯାଇଛି । ଅନେକ ସରକାରୀ ଜମି ଅସାଧୁ ଲୋକଙ୍କ କବ୍‌ଜାକୁ ଚାଲିଯାଇଛି । ଯାହା ନୂତନ ଜିଲ୍ଲାପାଳ ସୂର୍ଯ୍ୟବଂଶୀଙ୍କ ପାଇଁ ଆହ୍ୱାନ ରହିବ ବୋଲି ମତ ପ୍ରକାଶ ପାଇଛି ।

## ଦିବାକର ବିଶ୍ୱାଳ ସ୍ମୃତି ସଂସଦ ପୁନର୍ଗଠିତ

ପଟ୍ଟାମୁଣ୍ଡାଇ, ୨୩।୧(ସମିସ): ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କୃତ ସାହିତ୍ୟିକ ସ୍ତମ୍ଭକାର ଦିବଂଗତ ଦିବାକର ବିଶ୍ୱାଳଙ୍କ ସ୍ମୃତି କମିଟି ପୁନର୍ଗଠିତ ହୋଇଛି । ଏହି ଉପଲକ୍ଷେ କସ୍ତୁରୀ କଳାନିକେତନ ପରିସରରେ ଏକ ସ୍ମୃତିସଂସଦର ଜରୁରୀ ବୈଠକ ଅନୁଷ୍ଠିତ ହୋଇ ନୂତନ କର୍ମକର୍ତ୍ତା ମନୋନୟନ କରାଯାଇଛି । ସାମ୍ବାଦିକ ଚିତ୍ତରଞ୍ଜନ ମଲ୍ଲିକ ସଭାପତି, ଆଡ଼ଭୋକେଟ ପ୍ରମୋଦ କୁମାର ସାହୁ ଉପସଭାପତି, ଆଡ଼ଭୋକେଟ ଗୋପୀନାଥ ତ୍ରିପାଠୀ ସମ୍ପାଦକ ଓ କାଉନସିଲର ଗୋପୀବଲ୍ଲଭ ନାୟକଙ୍କୁ କୋଷାଧ୍ୟକ୍ଷ ଭାବେ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଥିବାବେଳେ କାର୍ଯ୍ୟକାରୀ କମିଟିର ସଦସ୍ୟ ଭାବେ ଶିକ୍ଷାବିତ ସୁରେଶ ଚନ୍ଦ୍ର ଜେନା ଓ ଶ୍ରୀଧର ରାଉତ, ଲେଖକ ତଥା ପ୍ରକାଶକ ପ୍ରଦୀପ୍ତ କୁମାର ବେହୁରା, ପରିବେଷବିତ ବିଜୟ କବି, କବିୟତ୍ରୀ ଆରାଧନା ଦାଶ, ଆରତୀ ଭଳ, ନବକିଶୋର ପଣ୍ଡା, ଅମୂଲ୍ୟ ପରିଡ଼ା, ଚନ୍ଦନ ପାତ୍ର ଓ କସ୍ତୁରୀ କଳାନିକେତନ ସମ୍ପାଦକ କୃପାସିନ୍ଧୁ ନାୟକ ଓ ଉପଦେଷ୍ଟା ମଣ୍ଡଳୀରେ ସ୍ମୃତି ସଂସଦ ପ୍ରାକ୍ତନ ସଭାପତି ପ୍ରଫେସର ଅନିରୁଦ୍ଧ ରାଉଳ, ଗୀତା ଚାରଣ ସମିତି ସଭାପତି ପ୍ରମୋଦ କୁମାର ନାୟକ, ଶିକ୍ଷକନେତା ବିଜୟ କୁମାର ସାହୁଙ୍କୁ ନିଆଯାଇଛି । ମହାମାରୀ କୋଭିଡ ୧୯ ଯୋଗୁଁ ସ୍ମୃତି ସଂସଦ ସ୍ମରଣିକା ପ୍ରକାଶନ ହୋଇପାରି ନଥିବାରୁ ନୂତନ ସଭାପତି ସ୍ମରଣିକା ପ୍ରକାଶ ନିମନ୍ତେ ପଦକ୍ଷେପ ନେବାକୁ ପ୍ରସ୍ତାବ ଗୃହୀତ ହୋଇଥିଲା । ଶେଷରେ ଶରତ କୁମାର ବିଶ୍ୱାଳ ଧନ୍ୟବାଦ ଦେଇଥିଲେ ।

ରାଜ୍ୟସ୍ତରୀୟ ଚଞ୍ଚଳା ଟ୍ରଫି କ୍ରିକେଟ ଟୁର୍ଣ୍ଣାମେଣ୍ଟ

## ବାରିପଦାକୁ ହରାଇ ପାରାଦୀପ ଫାଇନାଲରେ

ରାଜନଗର, ୨୩।୧(ସମିସ): ରାଜନଗର ବ୍ଲକ ବଡପଲ୍ଲୀସ୍ଥିତ ଚଞ୍ଚଳା ମିନି ଷ୍ଟାଡିୟମରେ ଚାଲିଥିବା ରାଜ୍ୟସ୍ତରୀୟ ୪୨ତମ ଚଞ୍ଚଳା ଟ୍ରଫି କ୍ରିକେଟ ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲରେ ଡିଆରକେ ବାରିପଦାକୁ ହରାଇ ପିସିସି ପାରାଦୀପ ପ୍ରଥମ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି । ଆଜି ଟସ୍ ଜିତି ପସିସି ପାରାଦୀପ ପ୍ରଥମେ ବ୍ୟାଟିଂ କରି ୨୪.୩ ଓଭରରେ ସମସ୍ତ ଉଇକେଟ ହରାଇ ୧୫୫ ରନ କରିଥିଲା । ଦଳର ବ୍ୟାଟ୍ସମ୍ୟାନ ଅରୁଣ ମହାରଣା ୩୪ ବଲରୁ ୫୩ ରନ, ଶମ୍ଭୁନାଥ ବେହେରା ୨୪ ବଲରେ ୨୫ ରନ କରିଥିଲେ । ୧୫୬ ରନର ବିଜୟ ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇଥିବା ଡିଆରକେ ବାରିପଦା ୨୩.୩ ଓଭରରେ ସମସ୍ତ ଉଇକେଟ ହରାଇ ୧୧୦ ରନ ସଂଗ୍ରହ କରି ପରାଜିତ ହୋଇଥିଲା । ପାରାଦୀପର ଅରୁଣ ମହାରଣା ୪ ଓଭର ବୋଲିଂ କରି ୧୫ ରନ କରି ୫ଟି ଉଇକେଟ, ମହମ୍ମଦ ଦାନିସ ୪ ଓଭରରେ ୧୯ ରନ ଦେଇ ୨ ଉଇକେଟ ନେଇଥିଲେ । ଯୁବ ସମାଜସେବୀ ସନ୍ତୋଷ ରାଉତ ମୁଖ୍ୟଅତିଥି ଓ ମହେଶ୍ୱର ବଳ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ । ଆୟୋଜକ ପଲ୍ଲୀଶ୍ରୀ ଯୁବକ ସଂଘର ସଭାପତି ଅଭିମନ୍ୟୁ ପ୍ରଧାନ, ସମ୍ପାଦକ ଅଭିମନ୍ୟୁ ପଡ଼ିହାରୀ,



କୋଷାଧକ୍ଷ ତପନ କୁମାର ପରିଡ଼ା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବଂଶୀଧର ସ୍ୱାଇଁ, ନିରୋଦ ବଳ ଅମ୍ପାୟାରିଂ କରିଥିବା ବେଳେ ସ୍କୋରର ଭାବେ ସୁରେଶ ପ୍ରଧାନ, ହଳଧର ପ୍ରଧାନ, ଭାଷ୍ୟକାର ଭାବେ ବିଜୟ ବଳ, ରମେଶ ସାହୁ ଦାୟିତ୍ୱ ତୁଲାଇଥିଲେ ।

## ଗହୀରମଥାରୁ ବୋଟ୍ ଜବତ; ୫ ମତ୍ସ୍ୟଜୀବୀ ଗିରଫ

ରାଜନଗର, ୨୩।୧(ସମିସ): ବିରଳ ଅଲିଭରିଡଲେ କଇଁଛଙ୍କ ଏକ୍ରୁଡିଶାଳ ଗହୀରମଥା ନିଷିଦ୍ଧାଞ୍ଚଳରେ ବେଆଇନ ଭାବେ ମାଛ ମାରୁଥିବା ବେଳେ ବନବିଭାଗ ପାଟ୍ରୋଲିଂ ଟିମ ଗୋଟିଏ ୨ ସିଲିଣ୍ଡର ବିଶିଷ୍ଟ ବୋଟ ଜବତ କରିବା ସହ ୫ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରିଛି । ଗହୀରମଥା ରେଞ୍ଜ ଅଫିସର ପ୍ରଦୋଷ ମହାରଣାଙ୍କ ନେତୃତ୍ୱରେ ଫରେଷ୍ଟର ପ୍ରଫୁଲ୍ଲ କୁମାର ମାଝିଙ୍କ ସମେତ ବନକର୍ମଚାରୀମାନେ ପାଟ୍ରୋଲିଂ କରୁଥିବା ବେଳେ ଜୟ ମା ଗଙ୍ଗା-୧ ନାମକ ୨ ସିଲିଣ୍ଡର ବୋଟ ଜବତ କରିବା ସହ ଏଥିରେ ଥିବା ନିମାଇଁ ମଣ୍ଡଳ, ହରିପଦ ବିଶ୍ୱାସ, ଦଶରଥ ଦାସ, ରବୀନ୍ଦ୍ର ଗାଇନି, ଦେବବ୍ରତ ମାଝି ପ୍ରମୁଖ ୫ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । ଜବତ ବୋଟରୁ ଗୋଟିଏ ଜିପିଏସ, ୫ ହଜାର ମିଟର କାଣି ଜାଲ, ୧୨୦ କେଜି ସାମୁଦ୍ରିକ ମାଛ ଜବତ କରାଯାଇଛି ।

## 'ନୂଆ-ଓ' ଫେଷ୍ଟ ପ୍ରସ୍ତୁତି ବୈଠକ

କେନ୍ଦ୍ରାପଡ଼ା, ୨୩।୧(ସମିସ): ଜିଲ୍ଲାସ୍ତରୀୟ 'ନୂଆ ଓ' ଫେଷ୍ଟ ଚଳିତମାସ ୨୮ ରେ ବାରୋ ପଡ଼ିଆରେଅନୁଷ୍ଠିତହେବ ।ଏହିଉପଲକ୍ଷେକେନ୍ଦ୍ରାପଡ଼ାବ୍ଲକଅଧୀନକଲେଜଅଧ୍ୟକ୍ଷମାନଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ କଲେଜ ଅଧ୍ୟକ୍ଷ ପ୍ରଫେସର ଅଶୋକ କୁମାର ଦାସ ଅଧ୍ୟକ୍ଷତା କରିଥିଲେ । ବାଲିଆ ମହିଳା ମାଧ୍ୟମିକ ବିଦ୍ୟାଳୟର ପଦ୍ମାଳୟା ଦାଶ, ତୁଳସୀ ମହିଳା କଲେଜରୁ ଡଃ ସୁଜାତା ମହାନ୍ତି, କେନ୍ଦ୍ରାପଡ଼ା କଲେଜର ପ୍ରଫେସର ରଞ୍ଜିତ ଦାସ, ନିକିରାଇ କଲେଜର ଡ଼ଃ ହିମାଂଶୁ ଭୂଷଣ ପରିଡ଼ା, ଜଳଧର ଦାସ, ଇନ୍ଦୁପୁର କଲେଜର ଦେବେନ୍ଦ୍ର କୁମାର ଦାସ, ନିଗମାନନ୍ଦ ନାୟକ, ସାଂଧ ମହା ବିଦ୍ୟାଳୟର ଡଃ ମନୋରଞ୍ଜନ ରାଉଳ, ଦେବେନ୍ଦ୍ର କିଶୋର ସାହୁ, ଆୟବା ସରକାରୀ କଲେଜର ବିନାୟକ ପ୍ରସାଦ ପ୍ରଧାନ, ଅଭୟା ମହା ବିଦ୍ୟାଳୟର ଜନ୍ମେଜୟ ଶତପଥୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

## ବିଦ୍ୟାଳୟ ଡାଇମଣ୍ଡ ଜୁବୁଲି ପାଳନକୁ ନେଇ ବିବାଦ

ଜଗତସିଂହପୁର, ୨୩।୧(ସମିସ):ଜଗତସିଂହପୁର ସଦର ସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ହୀରକ ଜୟନ୍ତୀ ଉତ୍ସବ ପାଳନକୁ ଦୁଇ ପୁରାତନ ଛାତ୍ରୀ ସଂଗଠନ ମଧ୍ୟରେ ବିବାଦ ସୃଷ୍ଟି ହୋଇଛି । ଏହାକୁ ନେଇ ଗୋଟିଏ ଗୋଷ୍ଠୀ ପକ୍ଷରୁ ବିଦ୍ୟାଳୟ ମୁଖ୍ୟ ଫାଟକରେ ତାଲା ପକାଇବା ସହ ଗଣଧାରଣାରେ ବସିରହିଥିଲେ । ମୁଖ୍ୟ ଫାଟରେ ତାଲା ପକାଇବା ଯୋଗୁ ୧୦ରୁ ଉର୍ଦ୍ଧ୍ୱ ଶିକ୍ଷୟିତ୍ରୀ ଅଟକ ରହିଥିବାବେଳେ ଘଟଣାସ୍ଥଳରେ ପୁଲିସ ପହଞ୍ଚି ତାଲା ଖୋଲିବା ସହ ଅଟକ ଶିକ୍ଷୟିତ୍ରୀମାନଙ୍କୁ ଉଦ୍ଧାର କରିଥିଲେ। ପୁରାତନ ଛାତ୍ରୀ ସଂସଦ ପକ୍ଷରୁ ଆସନ୍ତା ଜାନୁଆରୀ ୨୮ ରେ ଡାଇମଣ୍ଡ ଜୁବୁଲି ପାଳନ ପାଇଁ ପ୍ରସ୍ତୁତି ଏକ ପ୍ରକାର ଶେଷ ପର୍ଯ୍ୟାୟରେ ପହଞ୍ଚିଥିବାବେଳେ ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦ ସୃଷ୍ଟି ହେବାରୁ ଆଜି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଉତ୍ସବ ବାତିଲ ଘୋଷଣା କରିଥିଲେ । ଫଳରେ ପୁରାତନ ଛାତ୍ରୀମାନେ ବିଦ୍ୟାଳୟକୁ ଆସି ପ୍ରଧାନ ଶିକ୍ଷକଙ୍କୁ ଭେଟିବାକୁ ଚାହିଁବାରୁ ପ୍ରଧାନ ଶିକ୍ଷକ ଅନୁପସ୍ଥିତ ଥିଲେ। ଫଳରେ ପୁରତାନ ଛାତ୍ରୀମାନେ ପ୍ରଧାନ ଶିକ୍ଷକଙ୍କ ସହିତ ଯୋଗାଯୋଗ କରିଥିଲେ ମଧ୍ୟ ସେ ନଆସିବାରୁ ଏହି ଛାତ୍ରୀମାନେ ବିଦ୍ୟାଳୟ ଗେଟକୁ ତାଲା ପକାଇ ଅନ୍ୟ ଶିକ୍ଷୟିତ୍ରୀମାନଙ୍କୁ ଅଟକ ରଖିଥିଲେ । ଜଗତସିଂହପୁର ଥାନା ଅଧିକାରୀ ଗୋକୁଳ ରଞ୍ଜନ ଦାସ ପହଞ୍ଚି ତାଲା ଖୋଲିଥିଲେ ।

ବିଜେପିର ବୁଥ୍ ଚାଲ ଅଭିଯାନ ବୈଠକରେ ଚରମ ବିଶୃଙ୍ଖଳା

# ବୈଠକରେ ଠେଲାପେଲା; ଫେରିଗଲେ ଜିଲ୍ଲା ସଭାପତି

ରାଜନଗର, ୨୩।୧(ସମିସ): ବିଜେପି ନେତା ଓ କର୍ମୀଙ୍କ ମଧ୍ୟରେ ବାଡିଆ ପିଟା ଘଟଣା କେନ୍ଦ୍ରାପଡ଼ା ଜିଲ୍ଲା ରାଜନୀତିକୁ ସରଗରମ କରିଛି । ଜିଲ୍ଲା ବିଜେପି ସଭାପତି ନିର୍ଦ୍ଦିଷ୍ଟ ଗୋଷ୍ଠୀ ଗଠନ କରିବା ସହ ତୃଣମୂଳସ୍ତରରେ ସଂଗଠନ ବିଗାଡୁଥିବା କର୍ମୀମାନେ ଅଭିଯୋଗ କରି ସଭାପତିଙ୍କୁ ବୈଠକ କରାଇ ଦେଇନାହାନ୍ତି। କର୍ମୀଙ୍କ ରୋଷର ଶିକାର ହୋଇଥିବା ଜିଲ୍ଲା ବିଜେପି ସଭାପତି କିଶୋର କୁମାର ପଣ୍ଡା ରାଜନଗରରେ ବୈଠକ କରିନପାରି ଫେରି ଯାଇଛନ୍ତି । ଗୋ ବ୍ୟାକ୍ ନାରା ସହିତ ରାଜନଗର ନିର୍ବାଚନମଣ୍ଡଳୀରେ ସଭାପତିଙ୍କୁ ଆଉ ପୁରାଇ ଦେବୁନି ବୋଲି କର୍ମୀଙ୍କ ଚେତାବନୀ ବିଜେପି ପାଇଁ ଅଡୁଆ ସୃଷ୍ଟି କରିଛି ।

ଆଜି ରାଜନଗର ବ୍ଲକର ସାନବଡ ଗୋପାଳପୁରସ୍ଥିତ ନୀଳାଦ୍ରୀବିହାରୀ ମଣ୍ଡପରେ ଭାରତୀୟ ଜନତା ପାର୍ଟିର ବୁଥ୍ ଚାଲ ଅଭିଯାନ ପାଇଁ ରାଜନଗର ନିର୍ବାଚନମଣ୍ଡଳୀର ବୈଠକ ବସିଥିଲା। ରାଜନଗର ନିର୍ବାଚନ ମଣ୍ଡଳୀ ପ୍ରଭାରୀ ସୁନାକର ପ୍ରଧାନଙ୍କ ସହ ବୈଠକରେ ଜିଲ୍ଲା ସଭାପତି କିଶୋର କୁମାର ପଣ୍ଡା, ରାଜନଗରର ପୂର୍ବତନ ବିଧାୟକ ଅଲେଖ କୁମାର ଜେନା, ୩୧ନଂ ଜୋନ ବିଜେପି ସଭାପତି ଦିଲ୍ଲୀପ କୁମାର ରାଉତ ଉପସ୍ଥିତ ଥିଲେ । ବୈଠକ ଆରମ୍ଭ ହେବା ପୂର୍ବରୁ ପୂର୍ବତନ ବିଧାୟକ ଅଲେଖ କୁମାର ଜେନାଙ୍କ ସମର୍ଥକମାନେ ଜିଲ୍ଲା ସଭାପତିଙ୍କୁ ନିର୍ବାଚନ ହୋଇନଥିବା ବେଳେ ରାଜନଗର ନିର୍ବାଚନ ମଣ୍ଡଳୀର ୫ଟି ଜୋନ ସଭାପତିଙ୍କ ନାଁ କିପରି ଖବରକାଗଜରେ ବାହାରିଲା ଜାଣିବାକୁ ଚାହିଁଥିଲେ। ନିର୍ବାଚନ ହୋଇନଥିବା ବେଳେ ଆମେ କେହି ଜାଣିନଥିବା ବେଳେ କିପରି ଖବରକାଗଜରେ ରାଜନଗର ନିର୍ବାଚନମଣ୍ଡଳୀର ୫ଟି ଜୋନର ସଭାପତିଙ୍କ ନାଁ ପ୍ରକାଶ ପାଇଲା ତାହାର କୈଫିୟତ ମାଗିଥିଲେ। ଜିଲ୍ଲା ସଭାପତି ସଂଗଠନ ବୃଦ୍ଧି କରିବା ପରିବର୍ତ୍ତେ ରାଜନଗର ନିର୍ବାଚନ ମଣ୍ଡଳୀରେ ଗ୍ରୁପିଜିମ କରି ସଂଗଠନକୁ ନଷ୍ଟ କରୁଛନ୍ତି ବୋଲି କର୍ମୀମାନେ ଅଭିଯୋଗ କରିବା ସହ ପ୍ରଶ୍ନର ଉତ୍ତର ନଦେବା ଯାଏଁ ବୈଠକ କରିପାରିବେନି ଏବଂ ରାଜନଗର ନିର୍ବାଚନମଣ୍ଡଳୀକୁ ପୁରାଇ ଦିଆଯିବନି ବୋଲି କହିଥିଲେ । ହୋ ହାଲ୍ଲା ଅଣାୟତ ହୋଇ ଚେୟାର ଫୋପଡ଼ା ଓ ହାତ ଉଠାଉଠି ଯାଏଁ କଥା ଯାଇଥିଲା । ଏପରିକି ଜିଲ୍ଲା ସଭାପତିଙ୍କ ଦୁଇଜଣ ସମର୍ଥକଙ୍କୁ ମାଡ ମରାଯାଇଥିବା ଭଳି ଘଟଣା ବୈଠକରେ ଘଟିଛି । ବୈଠକ ରଣକ୍ଷେତ୍ରରେ ପରିଣତ ହେବାରୁ ଜିଲ୍ଲା ସଭାପତି ପଳାଇ ଯାଇଥିଲେ । ଏ ସମ୍ପର୍କରେ ନିର୍ବାଚନ ମଣ୍ଡଳୀର ପ୍ରଭାରୀ ସୁନାକର ପ୍ରଧାନଙ୍କୁ ପଚାରିବାରୁ ସଭାପତି ଚୟନ ପାଇଁ ପାଟିତୁଣ୍ଡ ହୋଇଥିଲା। ରାଜ୍ୟ ସଭାପତି ମନମୋହନ ସାମଲଙ୍କ ସହ କଥା ହୋଇ ସମସ୍ୟା ସମାଧାନ କରାଯିବ ବୋଲି କହିଛନ୍ତି ।

